# ବ୍ୟାସନଗର ଷ୍ଟାଡିୟମ ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସବୁଜ ସଙ୍କେତ

**ବ୍ୟାସନଗର,୨୪।୧୨(ସମିସ):** ଦୀର୍ଘଦିନ ଧରି ଆନ୍ଦୋଳନରତ ଆନ୍ତର୍ଜାତିକ କ୍ରୀଡ଼ାବିତ ତଥା କ୍ରୀଡ଼ା ପ୍ରଶିକ୍ଷକ ବଜ୍ରବାହୁ ସୀମାନ୍ତ କେଶରୀ ସାମଲ, ତାଙ୍କ ଟିମ୍ ଓ ବ୍ୟାସନଗର ଚାଲିଥିବା ଆନ୍ଦେଳନର ଅବସାନ ଘଟିବା ସହିତ ବ୍ୟାସନଗର ସହରରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଯାଜପୁର ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ

**ଜାନୁଆରୀରେ ଆରମ୍ଭ ହେବ ପ୍ରକ୍ରିୟା**

**ସତ୍ୟାଗ୍ରହୀଙ୍କୁ ଭେଟି ଆଲୋଚନା କଲେ ପ୍ରଣବ ପ୍ରକାଶ**

**ମୁଖ୍ୟମନ୍ତ୍ରୀ, ଯାଜପୁର ବିଧାୟକ ଓ ସତ୍ୟାଗ୍ରହୀଙ୍କୁ କୃତଜ୍ଞତା**



ଷ୍ଟାଡିୟମର ରୂପାନ୍ତରଣ ଆନ୍ଦୋଳନରେ ସାମିଲ ସତ୍ୟାଗ୍ରହୀଙ୍କ ନିମନ୍ତେ ଖୁସି ଖବର ମିଳିଛି। ବ୍ୟାସନଗର ସହରର ଗର୍ବ ଗୌରବ ରାଜୀବ ଗାନ୍ଧୀ ଷ୍ଟାଡ଼ିୟମର ରୂପାନ୍ତରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସବୁଜ ସଙ୍କେତ ଦେଇଛନ୍ତି। ଫଳରେ ଦୀର୍ଘଦିନ ଧରି ଷ୍ଟାଡ଼ିୟମ ରୂପାନ୍ତରଣ ନେଇ ପ୍ରକାଶ ଦାସ(ବବି) ଆନ୍ଦୋଳନକାରୀ ମୁଖ୍ୟ ଶ୍ରୀ ସାମଲଙ୍କ ସହିତ ଆଲୋଚନା କରିବା ସହିତ ବ୍ୟାସନଗର ଷ୍ଟାଡିୟମର ନବକଳେବର ନିମନ୍ତେ ରାଜ୍ୟ ସରକାର ସକରାତ୍ମକ ଥିବା ଓ ଏ ନେଇ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଘୋଶଷଣା କରିବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଆସନ୍ତା ଜାନୁଆରୀ ମାସରେ ବହୁପ୍ରତୀକ୍ଷିତ ବ୍ୟାସନଗର ଷ୍ଟାଡିୟମର ରୂପାନ୍ତରଣ ନିମନ୍ତେ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।

ବ୍ୟାସନଗର ଷ୍ଟାଡ଼ିୟମ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ସଚିବ ଆର. ଭିନିଲ କ୍ରିଷ୍ଣା ଆଭାସୀ ମାଧମରେ ଏ ନେଇ ଶ୍ରୀ ସାମଲ, ଶ୍ରୀ ଦାସ ଓ ଅନ୍ୟ ଉପସ୍ଥିତ ସଦସ୍ୟଙ୍କ ସହିତ ବାର୍ତ୍ତାଳାପ କରିବା ସହିତ ଖୁବ୍‌ଶୀଘ୍ର ଷ୍ଟାଡ଼ିୟମ ନୂଆ ରୂପ ପାଇବ ବୋଲି ଆଶା ସଞ୍ଚାର ହୋଇଛି। ଆଲୋଚନା ପରେ ଶ୍ରୀ ସାମଲ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସହିତ ଆଲୋଚନା ସଫଳ ହୋଇଛି। ଷ୍ଟାଡ଼ିୟମ ରୂପାନ୍ତରଣ ନେଇ ଶ୍ରୀ ଦାସ ନିର୍ଭର ପ୍ରତିଶ୍ରୁତି ଦେବା ଫଳରେ ଦୀର୍ଘଦିନ ଧରି ଚାଲି ଆସିଥିବା ସତ୍ୟାଗ୍ରହର ଫଳ ମିଳିଥିବା ଶ୍ରୀ ସାମଲ କହିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଯାଜପୁର ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ସତ୍ୟାଗ୍ରହରେ ସହଯୋଗ କରିଥିବା ସମସ୍ତ ନାଗରିକ, କ୍ରୀଡ଼ାବିତ୍‌ଙ୍କ ସତ୍ୟନିଷ୍ଠ ସହଯୋଗ ପାଇଁ ସେମାନଙ୍କୁ ହୃଦୟରୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଶ୍ରୀ ସାମଲଙ୍କ ସହିତ ଏହି ଆଲୋଚନାରେ ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର ସଂଯୋଜକ ତଥା ବରିଷ୍ଠ ସାମ୍ବାଦିକ ଚିନ୍ତାମଣି ପାଢୀ ଉପସ୍ଥିତ ରହିଥିଲେ।

**ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ**

# 'ସୁସ୍ଥ ସମାଜ ଗଠନ ପାଇଁ କ୍ରୀଡ଼ାର ଆବଶ୍ୟକତା ଖୁବ୍ ଗୁରୁତ୍ୱପୂର୍ଣ୍ଣ'



**ଦଶରଥପୁର,୨୪।୧୨(ସମିସ):** ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ପଞ୍ଚାୟତର ମିର୍ଜାପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଶିଶିର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ଥାନା ଏସଆଇ ଘନଶ୍ୟାମ ହେସା, ମୁଖ୍ୟବକ୍ତା ଭାବେ ରାମବାଗ ରିଜିଓନାଲ କଲେଜର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ଡ ସାନ୍ତନୁ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା, ସାମ୍ବାଦିକ ଚନ୍ଦ୍ର ଶେଖର ସାହୁ, ପ୍ରଧାନ ଆଚାର୍ଯ୍ୟ ନିହାର କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ବର୍ତ୍ତମାନ ସମାଜରେ ଶତକଡା ୮୦ ପ୍ରତିଶତ ବିଭିନ୍ନ ରୋଗରେ ଆକ୍ରାନ୍ତ। ଶାରୀରିକ ପାରିଶ୍ରମ କମିବାରୁ ଏଭଳି ସମସ୍ୟା ଦେଖାଦେଇଛି। ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷାର ଯେତିକି ଆବଶ୍ୟକତା ରହିଛି, ଖେଳର ମଧ୍ୟ ସେତିକି ଆବଶ୍ୟକତା ରହିଛି। ଖେଳ ଦ୍ୱାରା ଶରୀର ଠିକ୍ ରହିଥାଏ। ଛାତ୍ରଛାତ୍ରୀ ସୁସ୍ଥ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ ବକ୍ତବ୍ୟ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଝୋଟି, ନୃତ୍ୟ ଆଦି ବିଭିନ୍ନ ଖେଳ ଆୟୋଜନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହ ପଦକ ପ୍ରଦାନ କରାଯାଇଥିଲା। ମୁଖ୍ୟ ଉଦ୍ୟୋକ୍ତା ବିଶ୍ୱଜିତ ମହାପାତ୍ର, ରୁଦ୍ରନାରାୟଣ ପତି, ଗୋଲଖି ଚନ୍ଦ୍ର ସାମଲ, ସନ୍ଧ୍ୟାରାଣୀ ସାମଲ, ଲିଙ୍କିତା ସେଠୀ, ପୂଜାରାଣୀ ମଲ୍ଲିକ, ସୁଚିସ୍ମିତା ସାମଲ, ରଶ୍ମିରେଖା ମିଶ୍ର, ମିଲିରାଣୀ ଦେବତା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଜ୍ଞାନ ଶିକ୍ଷକଙ୍କ ପରଲୋକ



**କବାଟବନ୍ଧ, ୨୪।୧୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତସ୍ଥ ସୋରାଇଶ୍ୱର ବିଦ୍ୟାପୀଠର ବରିଷ୍ଠ ବିଜ୍ଞାନ ଶିକ୍ଷକ ସୌମେନ୍ଦ୍ର ବାରିକ (୪୮)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ବାରିକ ଗତ ୭ ତାରିଖ ଦିନ କୌଣସି କାମରେ ଭୁବନେଶ୍ୱର ଯାଉଥିବା ସମୟରେ ଦୁର୍ଘଟଣାରେ ଆହତ ହୋଇଥିଲେ। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଦୁଇ ଦିନ ତଳେ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନ ୨ଟାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସେ ସୋରାଇଶ୍ୱର ବିଦ୍ୟାପୀଠରେ ସ୍କୁଲ ପ୍ରତିଷ୍ଠା ଦିବସ ୧୯୯୨ରୁ ଦୀର୍ଘ ୩୧ ବର୍ଷ ଧରି ଶିକ୍ଷାଦାନ କରିଆସୁଥିଲେ। ତାଙ୍କ ଘର ଥାନୁଆଳ ପଞ୍ଚାୟତର ଗୁଆରଙ୍ଗ ଗ୍ରାମରେ ବୋଲି ଜଣାପଡ଼ିଛି। ତାଙ୍କ ବିୟୋଗରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଶରଣ, ବସନ୍ତ ସ୍ୱାଇଁ, କିଶୋର କାୟସ୍ଥ, ଦିଲ୍ଲୀପ ଶତପଥୀ, କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ 'ସ୍ୱଚ୍ଛ ଭାରତ ଅଭିଯାନ'




**ଯଖପୁରା,୨୪।୧୨(ସମିସ):** ଦାନଗଦି ବ୍ଲକ୍ ଅନ୍ତର୍ଗତ ଯଖପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ଅମୂଲ୍ୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ 'ସ୍ୱଚ୍ଛ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଡାକ୍ତରଖାନାର ଫାର୍ମାସିଷ୍ଟ ଓ ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଅଭିଯାନରେ ଜନ ଆରୋଗ୍ୟ ସମିତିର କର୍ମକର୍ତ୍ତା ବିପିଏମ, ପିଏଚଓ, କର୍ମକର୍ତ୍ତା, ଯଖପୁରା ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ପ୍ଲାଷ୍ଟିକ ବର୍ଜନ, ବୃକ୍ଷରୋପଣ, ନିୟମିତ ହାତ ଧୋଇବା, ପାଇଖାନାର ବ୍ୟବହାର, ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ପଦକ୍ଷେପ ନେବା, ମଇଳା ଓ ଆବର୍ଜନାକୁ ଉପଯୁକ୍ତ ଭାବରେ ସଫାକରିବା, ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଆଦି ସ୍ଲୋଗାନ ଦେଇ ଗାଁ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସପ୍ତାହକୁ୨ଘଣ୍ଟା 'ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ' ପାଇଁ ସମୟ ଦେବା ସହ ସଚେତନ କରିବା ନିମନ୍ତେ ସମୂହ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବକ୍ତୃତା, ନାଚଗୀତ ଓ ହାତ ଧୋଇବା ଅଭ୍ୟାସ ଆଦି ପ୍ରତିଯୋଗିତା କରି ପୁରସ୍କୃତ କରାଯାଇଥିଲା। ଶେଷରେ ଜନ ଆରୋଗ୍ୟ ଶିବିରର ଏକ ବୈଠକ ଅନୁଷ୍ଠିତ ହୋଇ ଡାକ୍ତରଖାନାର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବଗୁଡ଼ିକ ପାରିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତ ଅଂଶଗ୍ରହଣକାରିଙ୍କୁ ଡା. ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**୧୯ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ଫାଇନାଲ୍‌ରେ ଇଲେଭେନ ଷ୍ଟାର୍

**ବ୍ରହ୍ମବରଦା,୨୪।୧୨(ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ହାଜିରହିମିଆଁ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୧୯ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ବ୍ରହ୍ମବରଦା କ୍ରିକେଟ ଏକାଦଶକୁ ହରାଇ ଇଲେଭେନ ଷ୍ଟାର ଯାଜପୁର ଟାଉନ ଫାଇନାଲରେ ପ୍ରବେଶ କରିଛି। ଆମନ୍ତ୍ରଣ ପାଇଁ ଇଲେଭେନ ଷ୍ଟାର ବ୍ୟାଟିଂ କରି ୨୦ ଓଭରରେ ୨ ୱିକେଟ୍ ହରାଇ ୨୦୨ ରନ୍ କରିଥିଲା। ଜବାବରେ ବ୍ରହ୍ମବରଦା ୧୮.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୭ ରନ୍ କରି ପରାଜୟବରଣ କରିଥିଲା। ଖେଳକୁ ସ୍ୱପ୍ନଜିତ କର ଓ ଦୀପ୍ତି ମହାନ୍ତି ପରିଚାଳନ କରିଥିଲେ।

# ବ୍ରହ୍ମବରଦା ପ୍ରେସ୍ କ୍ଲବ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



**ବ୍ରହ୍ମବରଦା,୨୪।୧୨ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାର ଅଗ୍ରଣୀ ଅନୁଷ୍ଠାନ ବ୍ରହ୍ମବରଦା ପ୍ରେସ କ୍ଲବ୍‌ର ସମସ୍ତ ସଭ୍ୟ ଡିସେମ୍ବର ମାସର ହାଡ଼ଭଙ୍ଗା ଶୀତକୁ ଅନୁଭବ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଏହି ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଆଜି ରବିବାର ସକାଳ ୧୦ ଘଟିକା ସମୟରେ ବନ୍ଧଡିହ ପଞ୍ଚାୟତ ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବ୍ ସଭାପତି ବାପୁଜୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ୍ ସଭ୍ୟ ଯଯାତି କେଶରୀ ବେହେରା, ଗୋପୀନାଥ ଦାସ, ମଧୁସ୍ମିତା, ନିରାକାର ବେହେରା, ଖଗେଶ୍ୱର ସାମଲ, ମହମ୍ମଦ ଅଲ୍ଲୀ, ଶଙ୍କର ସେଠୀ, ନାରାୟଣ ରଥ, ସତ୍ୟବ୍ରତ ସ୍ୱାଇଁ, ପ୍ରତାପ ପୃଷ୍ଟି ଓ ସ୍ମୃତିରଞ୍ଜନ ରାଉତ ଶୀତବସ୍ତ୍ର ବଣ୍ଟନରେ ସହଯୋଗ କରିଥିଲେ। ବନ୍ଧଡିହ ଗ୍ରାମର ବନ୍ଧଡିହ ହାଟ ଦୁର୍ଗା ମଣ୍ଡପରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମର ନବୀନ ମଲିକ, ରାହାସ ମଲିକ, ମାଡିଆ ଦେଇ, କୁମୁଦ ବେହେରାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

# ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଦଶରଥପୁର, ୨୪।୧୨(ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ଥ ସାଧୁଗୌରେଶ୍ୱର ମହାବିଦ୍ୟାଳୟ ପଡିଆରେ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ସାଧୁଗୌରେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନିକୁଞ୍ଜ ମହାପାତ୍ର ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ କ୍ଲବର ବରିଷ୍ଠ ସଭ୍ୟ ମନୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ନିକୁଞ୍ଜ ମହାପାତ୍ର, ମୁଖ୍ୟବକ୍ତା ଭାବେ କନିକାପଡା ପଞ୍ଚାୟତର ଯୁବ ଇଂ ତିମିରକାନ୍ତ ସେନାପତି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁଶାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ବାଇ, କ୍ଲବର ସ୍ଥାୟୀ ସଭାପତି ତଥା କନିକାପଡା ସରପଞ୍ଚ ପ୍ରଦୀପ କୁମାର ଯେନା, କ୍ଲବର ସମ୍ପାଦକ ପଞ୍ଜାବ କେଶରି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଝାଡ଼ଙ୍ଗା କ୍ରିକେଟ ଟିମ ଓ ଭାମଣ୍ଡା କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଝାଡ଼ଙ୍ଗା ୪୨ ରନ୍‌ରେ ଭାମଣ୍ଡା କ୍ରିକେଟ ଟିମକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ମଠଡିଅ କ୍ରିକେଟ ଟିମ ୩୮ ରନ୍‌ରେ ମଲିଆ କ୍ରିକେଟ ଟିମ୍‌କୁ ପରାସ୍ତ କରିଥିଲା। ଉଭୟ ଝାଡ଼ଙ୍ଗା ଓ ମଠଡିଅ କ୍ରିକେଟ ଟିମ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସୁମନ୍ତ କୁମାର ମହାପାତ୍ର ଓ ପ୍ରିୟବ୍ରତ ସାମଲ ଖେଳ ପରିଚାଳନା କରିଥିଲେ।

# ସ୍ମୃତିଚାରଣ ସଭା

ବରୀ,୨୪।୧୨(ସମିସ): ବରୀ ବ୍ଲକ ସାହୁପଡ଼ା ପଞ୍ଚାୟତ ହଳଦୀବସନ୍ତ ଗ୍ରାମର ସ୍ୱର୍ଗତ ନୃସିଂହ ଚରଣ ଜେନାଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରୀ ବିଧାୟିକା ସୁନନ୍ଦା ଦାସ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଯୋଗଦେଇ ସ୍ୱର୍ଗତ ଜେନା ଜଣେ ମିଷ୍ଟଭାଷୀ, ବନ୍ଧୁ ବତ୍ସଳ, ଭଗବତପ୍ରେମୀ ବ୍ୟକ୍ତି ଭାବେ ପରିଚିତ ଥିବାବେଳେ ସେ ଖୁବ କମ୍ ସମୟ ମଧ୍ୟରେ ସମସ୍ତଙ୍କୁ ଆପଣାର କରିପାରୁଥିଲେ ବୋଲି ଅତିଥିମାନେ କହିଥିବା ବେଳେ ସ୍ୱର୍ଗତ ଜେନାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

# 'ବଡ଼ ମଣିଷ ନ ହୋଇ ଭଲ ମଣିଷ ହୁଅ'

**ବଡ଼ଚଣା, ୨୪।୧୨(ସମିସ):** ସାମ୍ପ୍ରତିକ ସମାଜରେ ସବୁ ଜିନିଷ ଶସ୍ତା ଓ ସୁଲଭରେ ମିଳୁଥିବା ସମୟରେ ଭଲ ମଣିଷର ଅଭାବ ଦେଖାଦେଇଛି। ଧନ ସମ୍ପତି, କ୍ଷମତା, ପ୍ରତିପତି ବଦଳରେ ମଣିଷ ସବୁକିଛି ହାସଲ କରିବାକୁ ଚାହୁଁଛି। ସମାଜକୁ ପରିବର୍ତ୍ତନ କରିବା ପାଇଁ ଭଲ ମଣିଷର ଆବଶ୍ୟକ ଥିବାବେଳେ ତୁମେମାନେ ବଡ଼ ମଣିଷ ନ ହୋଇ ଭଲ ମଣିଷ ହେବାକୁ ଯୁବ ଓଡିଶା, ନବୀନ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମତବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିନବ ପ୍ରୟାସ ନୂତନ, ଉନ୍ନତ, ଅଭିଳାଷ ଓଡ଼ିଶା ଗଠନ କରିବା ଦିଗରେ ଯୁବକମାନେ ଆଗେଇ ଆସି ଏକ ସୁସ୍ଥ, ସୁନ୍ଦର ସମାଜ ଗଠନ କରିବାକୁ ଶ୍ରୀମତୀ ଦାସ ଆହ୍ୱାନ ଦେଇଥିଲେ।




ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଆୟୋଜିତ ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ସଭାପତିତ୍ୱ କରିଥିଲେ। +୩ ନୋଡାଲ ଅଫିସର ଶମ୍ଭୁନାଥ ହେମ୍ବ୍ରମ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ +୨ ସଂଯୋଜିକା ନିରୂପମା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଶ୍ରାବଣୀ ସ୍ୱାଗତିକା ଗଂଜିତା ବିଶ୍ୱାଳଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ନୃତ୍ୟ, ସଂଗୀତ, ବାଦ୍ୟ ଯନ୍ତ୍ର, ପାରମ୍ପରିକ ପୋଷାକ ପରିଧାନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଅଧ୍ୟକ୍ଷ ବ୍ରଜ କିଶୋର ସ୍ୱାଇଁ, ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ଭାଗ୍ୟଧର ନାୟକ, କିଶୋର କୁମାର ସାହୁ, ଅଧ୍ୟାପିକା ଅମ୍ବିକା ତ୍ରିପାଠୀ, ଶାନ୍ତନୁ ରାଉତରାୟ ଓ ଦୀପକ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



# ନବଜାତ ଶିଶୁକନ୍ୟା ଉଦ୍ଧାର



**ସୁକିନ୍ଦା, ୨୪।୧୨(ସମିସ):** ମଙ୍ଗଳପୁର ଗ୍ରାମ ନିକଟ ମୋରମ ଖାଦାନ ନିକଟରୁ ରବିବାର ଦିନ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇ ଜିଲ୍ଲା ଶିଶୁଯତ୍ନ ଗୃହକୁ ହସ୍ତାନ୍ତର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ବାଙ୍କୁ ତିରିଆ ଶୌଚ ପାଇଁ ମୋରମ ଖାଦାନ ନିକଟକୁ ଯାଇଥିବା ସମୟରେ ଝୁଡ଼ି ଭିତରେ ନବଜାତ ଶିଶୁ ଥିବା ଦେଖିଥିଲେ। ବାଙ୍କୁ ପତ୍ନୀ ଶାନ୍ତି ତିରିଆଙ୍କ ସହ ସେହି ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରି ଘରକୁ ଆଣିବା ସହ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ନିରୂପମା ତିରିଆଙ୍କୁ ସୂଚନା ଦେଇଥିଲେ। ଖବର ପାଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଟେଣ୍ଡେଣ୍ଟ ଡା. ଜୟଦେବ ନନ୍ଦଙ୍କ ନିର୍ଦ୍ଦେଶରେ ଏକ ଟିମ୍ ମଙ୍ଗଳପୁର ଯାଇ ଶିଶୁ କନ୍ୟାକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୌମ୍ୟାନ୍ୱ ସେଠୀ ନବଜାତ ଶିଶୁର ଚିକିତ୍ସା କରିବା ସହ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସୂଚନା ଦେଇଥିଲେ। ଶିଶୁର କେହି ଦାବିଦାର ନ ପହଞ୍ଚିବାରୁ ସୁପରିଟେଣ୍ଡେଣ୍ଟ ଡା. ନନ୍ଦ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶିଶୁକୁ ନେଇ ଶିଶୁଯତ୍ନ ଗୃହକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ଯୁବଶକ୍ତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବଡ଼ଚଣା, ୨୪।୧୨(ସମିସ):** ଚଣ୍ଡିଖୋଲ ଛକ ସନ୍ନିକଟ ଗୋପାଳପୁର ଗ୍ରାମର ଯୁବଶକ୍ତି କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସୁଜିତ କୁମାର ସାହୁ ଓ ଧନେଶ୍ୱର ଖିଲାର ସ୍ମାରକୀ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। କଣ୍ଟିଗଡ଼ିଆ ସେବା ସମବାୟ ସମିତି ସଭାପତି ଅରବିନ୍ଦ ସାହୁ, ଯୁବ ସମାଜସେବୀ ରବୀନ୍ଦ୍ର କୁମାର ଦାସ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ପୋବଳ କ୍ରିକେଟ ଟିମ୍ କ୍ଷେତ୍ରପାଳକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍ ଗୋପାଳପୁର ଓ ସିହା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳକୁ ସୀତାଂଶୁ ପରିଡ଼ା ଓ ସଞ୍ଜୟ ବେହେରା ପରିଚାଳନା କରିଥିବାବେଳେ ସଂଗ୍ରାମ ସାହୁ ଓ ଅନୁରାଗ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଶାନ୍ତ ପରିଡ଼ା ସ୍କୋରର ଥିଲେ।

# ପ୍ରତିଷ୍ଠା ଦିବସ ପାଇଁ ବଡ଼ଚଣା ବିଜେଡିର ପ୍ରସ୍ତୁତି ବୈଠକ



**ବଡ଼ଚଣା, ୨୪।୧୨(ସମିସ):** ରାଜ୍ୟ ବିଜେଡିର ନିଷ୍ପତ୍ତିକ୍ରମେ ଆସନ୍ତା ୨୬ ତାରିଖ ଦିନ ସମସ୍ତ ନିର୍ବାଚନ ମଣ୍ଡଳୀରେ ୨୭ତମ ବିଜେଡି ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ଦଳ ପକ୍ଷରୁ ଘୋଷଣା କରାଯାଇଥିବାବେଳେ ଏ ପରିପ୍ରେକ୍ଷୀରେ ବଡ଼ଚଣା ବିଜେଡି ପକ୍ଷରୁ ସଭାପତି ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଚଣ୍ଡିଖୋଲସ୍ଥ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଆସନ୍ତା ୨୬ ତାରିଖ ଦିନ ଛତିଆରେ ଅପରାହ୍ନ ୨ଘଟିକା ସମୟରେ ହେବାକୁ ଥିବା ପ୍ରତିଷ୍ଠା ଦିବସରେ ୪୩ଟି ପଞ୍ଚାୟତର ସମସ୍ତ ବର୍ଗର ଜନସାଧାରଣ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ କହିଥିଲେ। ବୈଠକରେ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ, ମହିଳା ବିଜେଡି ସଭାନେତ୍ରୀ ଅନୁସୟା ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସରପଞ୍ଚ ଜୟନ୍ତୀ ସ୍ୱାଇଁ, ନବଦୀପ ନାୟକ, ଯଯାତି ରାଉତ, ରଞ୍ଜନ ଦାସ, ସମିତିସଭ୍ୟ ଦୀପକ ସାହୁ, ସଞ୍ଜୟ ବେହେରା, ଭାଗ୍ୟଧର ମଲ୍ଲିକ, ନିରଞ୍ଜନ ସେନାପତି, ବିପିନ ବିହାରି ଜେନା, ତାପସ ରାୟ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ମନ୍ଦାକିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# କୁମ୍ଭୀରଗାଡ଼ିଆ ବିଜେଡିର ମିଶ୍ରଣ ପର୍ବ

**ଦାନଗଦି, ୨୪।୧୨(ସମିସ):** ଦାନଗଦି ବ୍ଲକ କୁମ୍ଭୀରଗାଡ଼ିଆ ପଞ୍ଚାୟତ ଦାମୋଦରପୁର ଗ୍ରାମର ୮ ଜଣ ବିଜେପି ଯୁବ ସମର୍ଥକ ଆଜି ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଲେ ବାଇଧର ସେଠୀ, ସିଦ୍ଧାନ୍ତ ସେଠୀ, ପ୍ରଦୀପ ଦଳେଇ, ଅଚ୍ୟୁତ ପରିଡ଼ା, ବାବୁ ସିଂ, ସନ୍ତୋଷ ସିଂ, ମାନସ ବାରିକ, ତପନ ଗୁରୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ପୂର୍ବତନ ଅର୍ଥମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ଉପସ୍ଥିତିରେ ଆଜି ଧବଳଗିରିଠାରେ ଦଳରେ ସାମିଲ ହୋଇଛନ୍ତି। ଏଭଳି ଦୃଢ଼ ସଂଗଠକଙ୍କୁ ଶ୍ରୀ ଘଡ଼ାଇ ସ୍ୱାଗତ କରିଛନ୍ତି।



## ନାରିଗାଁ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

# 'ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶରେ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଦଶରଥପୁର, ୨୪।୧୨(ସମିସ)**



ଛାତ୍ରଛାତ୍ରୀ ସରଳତା, ସତ୍ୟତା, ନିର୍ଭୀକତା ଓ ସଚ୍ଚୋଟତା ସହିତ ସମର୍ପଣ ଭାବେ ବିଦ୍ୟାକୁ ଆଦରି ପାରିଲେ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହୋଇପାରିବା ସମ୍ଭବ ବୋଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଇ. ପ୍ରୀତିରଞ୍ଜନ ଘଡ଼ାଇ ଜାଫରପୁର ପଞ୍ଚାୟତସ୍ଥ ନାରିଗାଁ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

୧୯୭୩ରେ ସ୍ଥାପିତ ନାରିଗାଁ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ୟୁନିଅନ ପକ୍ଷରୁ ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଧାୟିକା ତଥା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ ନିଜ ବକ୍ତବ୍ୟରେ ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶରେ ବିଦ୍ୟାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିପରି ପୁରାତନ ଛାତ୍ର ପରିଷଦ ପକ୍ଷରୁ ଉପସ୍ଥାପିତ ବିଦ୍ୟାଳୟର ବହୁବିଧ ସମସ୍ୟାକୁ କ୍ରମାନ୍ୱୟରେ ଖୁବ୍‌ଶୀଘ୍ର ସମାଧାନ କରିବା ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ବାଚସ୍ପତି ଶ୍ରୀମତୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟଅତିଥି ମନ୍ତ୍ରୀ ଇ. ପ୍ରୀତିରଞ୍ଜନ ଘଡ଼ାଇ ଓ ମୁଖ୍ୟବକ୍ତା, ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ବିଦ୍ୟାଳୟ କମିଟି ପକ୍ଷରୁ ଏକ ଶୋଭାଯାତ୍ରାରେ ବିଦ୍ୟାଳୟ ପରିସରକୁ ପାଛୋଟି ନିଆଯାଇଥିଲା। ପୁରାତନ ଛାତ୍ର ସଞ୍ଜୀବ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ର ପରିଷଦର ଉପସଭାପତି ତଥା ସ୍ଥାନୀୟ ସମିତିସଭ୍ୟ ଶୈଳେନ୍ଦ୍ର ସାମଲ ସୁବର୍ଣ୍ଣଜୟନ୍ତୀ ଉତ୍ସବର ବିବରଣୀ ପାଠ କରିଥିଲେ। ସଭାପତି ଶଶୀକାନ୍ତ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ମୁରଲୀଧର ଶତପଥୀ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଭୂୟାଁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଏ ପରିପ୍ରେକ୍ଷୀରେ ବିଦ୍ୟାଳୟରେ ଅଧ୍ୟୟନ କରି ପ୍ରଥମ ମାଟ୍ରିକ ପାସ୍ କରିଥିବା ୨ ଜଣ ପୁରାତନ ଛାତ୍ରୀଙ୍କୁ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନୀଳାଦ୍ରି ବିହାରରେ ଗୀତା ଜୟନ୍ତୀ

# 'ଶ୍ରୀମଦ୍ ଭଗବଦ୍ ଗୀତା ମଣିଷ ଜୀବନ ପାଇଁ ମହୋଷଧୀ'




**ବିଞ୍ଝାରପୁର, ୨୪।୧୨(ସମିସ):** ଶ୍ରୀମଦ୍ ଭଗବଦ ଗୀତା ମଣିଷ ଜୀବନ ପାଇଁ ମହୋଷଧୀ ତୁଲ୍ୟ ବୋଲି ରବିବାର ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନଛିପୁର ନୀଳାଦ୍ରି ବିହାରସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଗୀତା ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ପ୍ରତିବର୍ଷ ଭଳି ଗୀତା ଜୟନ୍ତୀ ପାଳନ କରାଯାଇଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶ୍ରୀଜଗନ୍ନାଥ ମନ୍ଦିରର ଅନ୍ୟତମ ପୂଜକ ସୁଧୀର ଆଚାର୍ଯ୍ୟ ଗୀତାର ସମସ୍ତ ଅଷ୍ଟାଦଶ ଅଧ୍ୟାୟର ଶ୍ଳୋକ ପାଠ କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ସମ୍ପର୍କରେ ଆଲୋକପାତ କରିବା ସହିତ ଗୀତାଜ୍ଞାନ ଦ୍ୱାରା ଜଣେ ସାଧକ କିପରି ଶରଣାଗତି ମାଧ୍ୟମରେ ଆଦିଭୌତିକ, ଆଦିଆଧ୍ୟାତ୍ମିକ ଓ ଆଦିଦୈବିକ ଭଳି ତିନି ତାପରୁ ରକ୍ଷା ପାଇପାରିବେ, ଏ ସମ୍ପର୍କରେ ଶ୍ରୋତାଙ୍କୁ ବୁଝାଇଥିଲେ। ଗୀତା ପାଠ ପରେ ରତନଲାଲ ଭୂୟାଁଙ୍କ ସଭାପତିତ୍ୱରେ ଭକ୍ତ ନିରଞ୍ଜନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ମୁଖ୍ୟଅତିଥି ଭାବେ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା, ମୁଖ୍ୟବକ୍ତା ପଣ୍ଡିତ ମହେଶ୍ୱର ନନ୍ଦ, ବିଶିଷ୍ଟ ବକ୍ତା ପଣ୍ଡିତ ବିନୋଦ ବିହାରୀ ନାୟକ, ସମ୍ମାନିତ ଅତିଥି ଗଦାଧର ପଡ଼ିହାରୀ, ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ପ୍ରାକ୍ତନ ଶିକ୍ଷକ ମଣିଭଦ୍ର ପଣ୍ଡାଙ୍କୁ ଭକ୍ତ ନିରଞ୍ଜନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

# ବ୍ୟାସନଗର ମହିଳା ବିଜୁ ଜନତା ଦଳ ପୁନର୍ଗଠିତ

**ବ୍ୟାସନଗର, ୨୪।୧୨(ସମିସ):** ବିଜୁ ମହିଳା ଜନତା ଦଳକୁ ପୁନର୍ଗଠିତ କରିବା ପାଇଁ ରାଜ୍ୟ ଓ ଜିଲ୍ଲା ସାରା ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ ବ୍ୟାସନଗର ବିଜୁ ମହିଳା ଜନତା ଦଳ ପୁନର୍ଗଠିତ ହୋଇଛି। ଯାଜପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ରାଉତଙ୍କ ନିର୍ଦ୍ଦେଶକ୍ରମେ ବ୍ୟାସନଗର ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଇନ୍ଦିରା ପ୍ରିୟଦର୍ଶନୀ ପଟ୍ଟନାୟକ ପୌର ପରିଷଦର ୨୬ଟି ୱାର୍ଡ ନିମନ୍ତେ ସଭାପତିଙ୍କ ନାମ ସୁପାରିଶ କରିବା ପରେ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ରାଉତ ଏହାକୁ ଅନୁମୋଦିତ କରିଛନ୍ତି। ସାଧାରଣ ସମ୍ପାଦିକା ଭାବେ ମଞ୍ଜୁଶ୍ରୀ ପଣ୍ଡା, ଉପ-ସଭାନେତ୍ରୀ ଭାବେ ପାର୍ବତୀ ସାହୁ, ସୁଷମା ବଳ, ଡଜିଟାଲ ସମ୍ପାଦିକା ଭାବେ ବିଦ୍ୟୁସ୍ମିତା ବାହାଲିଆ ଦାସଙ୍କୁ ମନୋନୀତ କରାଯାଇଛି। ୧ନଂରୁ ୨୬ ନଂ ୱାର୍ଡର ସଭାନେତ୍ରୀ ଭାବେ ଯଥାକ୍ରମେ ଅନୀତା ବିଶ୍ୱାଳ, ନର୍ମଦା ରାଉତ, ଲତିକା ଥାନଦାର, ଝୁନଲତା ଶତପଥୀ, ସରସ୍ୱତୀ ପ୍ରଧାନ, ସରସ୍ୱତୀ ପାତ୍ର, ଶାନ୍ତିଲତା ଦାସ, ଝିଲିରାଣୀ ଜେନା, ମଞ୍ଜୁଲତା ପଟ୍ଟନାୟକ, ମମତା ବର୍ଦ୍ଧନ, ପ୍ରଜ୍ଞା ମଲିକ, ଚନ୍ଦନା ଜେନା, ଆଶା ମଲିକ, ପାର୍ବତୀ ସେଠୀ, ସ୍ନିଗ୍ଧା ମଲିକ, କଳ୍ପନା ନାୟକ, ରଶ୍ମିତା ସେଠୀ, କେ. ଭାଗ୍ୟଲକ୍ଷ୍ମୀ, ସବିତା ଦାସ, ନମିତା ମଲିକ, କଳ୍ପନା ଛୋଟରାୟ, ସନ୍ଧ୍ୟାରାଣୀ ବିଶ୍ୱାଳ ପ୍ରମୁଖଙ୍କୁ ମନୋନୀତ କରାଯାଇଥିବା ଜିଲ୍ଲା ମହିଳା ସଭାନେତ୍ରୀ ଶ୍ରୀମତୀ ରାଉତ ସୂଚନା ଦେଇଛନ୍ତି।

# ଏଜି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ



**କୋରେଇ, ୨୪।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ବନ୍ଧାଳ ପଞ୍ଚାୟତ ଅନ୍ତର୍ଗତ ଦୁଲାଖାପାଟଣା ମା' ମଙ୍ଗଳା ଷ୍ଟାଡ଼ିୟମରେ ମା' ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ ଏଜି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ମୋ କଲେଜର ଅଧ୍ୟକ୍ଷ ଆକାଶ ଦାସନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଆଜି ବାପୁଜୀ କ୍ଲବ ଭୁବନେଶ୍ୱର ସହ ୟୁ ଏଣ୍ଡ ମି ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟିତ ମ୍ୟାଚ୍‌ରେ ବାପୁଜୀ କ୍ଲବ ଭୁବନେଶ୍ୱର ବିଜୟୀ ହୋଇଥିଲା। ଟସ୍ ଜିତି ୟୁ ଏଣ୍ଡ ମି ବାପୁଜୀ କ୍ଲବକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ବାପୁଜୀ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଜବାବରେ ୟୁ ଏଣ୍ଡ ମି ୧୫.୧ ଓଭର ଖେଳି ସମସ୍ତ ୱିକେଟ ହରାଇ ୭୬ ରନ୍ କରି ପରାସ୍ତ ହୋଇଥିଲା। ଖେଳକୁ ଆଶୁତୋଷ ପାଣି ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ସତ୍ୟବ୍ରତ ପଣ୍ଡା ଓ ଦୀପକ ଦାସ ସ୍କୋରର ଥିବାବେଳେ ସତ୍ୟରଞ୍ଜନ ମିଶ୍ର, ସେକ୍ ଇମରାନ୍ ଓ ବୁବୁ ସିହ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ। ମା' ମଙ୍ଗଳା କ୍ରିକେଟ କ୍ଲବ ସଭାପତି ଅଲେଖ ପ୍ରସାଦ କୁଣ୍ଡୁ, ଶ୍ୟାମସୁନ୍ଦର ପାଗଳ, ସୁଶାନ୍ତ କୁମାର ପାଗଳ, ରମାକାନ୍ତ ନାଥ, କୁଳମଣି ସାହୁ, ବିଶ୍ୱଜିତ ବେହେରା, ଅଜୟ ମହାକୁଡ, ଧିରେନ ପାଲ, ସତ୍ୟଜିତ ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଡମ୍ଫରକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

ଦାନଗଦି, ୨୪।୧୨(ସମିସ): ଚୋରଦା-ଡୁବୁରୀ ରାସ୍ତାର ବାରଗଡ଼ିଆ ଛକ ନିକଟରେ ଆଜି ରାତି ୮ଟା ସମୟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଡମ୍ଫର ଗାଡ଼ିକୁ ବାଇକ ଧକ୍କା ଦେବା ଫଳରେ ବାଇକ ଚାଳକର ମୃତ୍ୟୁ ଘଟିଛି। ମୃତ ବାଇକ ଚାଳକ ଜଣକ ମୟୂରଭଞ୍ଜ ଜିଲ୍ଲା ବୁଢ଼ୀ ଖମାରୀ ଜକ ଗ୍ରାମର ଅର୍ଜୁନ ମୁର୍ମୁଙ୍କ ପୁଅ ନଣ୍ଡା ମୁର୍ମୁ (୨୯)। ସେ ସାରଙ୍ଗପୁର ହାଟିଂରେ ରହି ଶ୍ରମିକ ଭାବେ କାମ କରନ୍ତି। ସେ କୌଣସି କାମରେ ବାଇକ୍‌ରେ ଡୁବୁରୀକୁ ଯାଇ ରାତିରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।

## ଛାତ୍ରୀ ଅପହରଣ ଅଭିଯୋଗ

**ସୁକିନ୍ଦା, ୨୪।୧୨(ସମିସ):** ସୁକିନ୍ଦା ଥାନା ଅଞ୍ଚଳର ଜଣେ ଛାତ୍ରୀ ଅପହରଣ ହୋଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। କାଳିଆପାଣି ଥାନା ଅନ୍ତର୍ଗତ ମହୁଲଖାଳ ଗ୍ରାମର ଛାତ୍ରୀ ୫ ଦିନ ହେବ କଲେଜ ଯାଇ ଫେରି ନ ଥିଲା। ପରିବାର ଅନେକ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ। ଆଜି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି।

## କଲେଜରୁ ବ୍ୟାନର ଚିରିବା ଅଭିଯୋଗରେ ୩ ଗିରଫ

**କବାଟବନ୍ଧ, ୨୪।୧୨(ସମିସ):** ଜେନାପୁର ପୁଲିସ ବ୍ୟାନର ଓ ପୋଷ୍ଟର ଚିରିବା ଅଭିଯୋଗ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ପାଇଁ ଜେନାପୁର କଲେଜରେ ଲାଗିଥିବା ବ୍ୟାନର ଓ ପୋଷ୍ଟରକୁ ଏହି ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର ଶ୍ରୀଧର ବେଜଙ୍କ ପୁଅ ପ୍ରଭାତ ବେଜ (୩୦), ଉମାକାନ୍ତ ସାହୁଙ୍କ ପୁଅ ଦିଲ୍ଲୀପ ସାହୁ (୨୬) ଓ ମର୍ଜିତାପୁର ପଞ୍ଚାୟତ ଅଧୀନ ଚଉଷଠିପଡ଼ା ଗ୍ରାମର ପ୍ରଫୁଲ୍ଲ ମହାନ୍ତିଙ୍କ ପୁଅ ପ୍ରଭାତ ମହାନ୍ତି ଚିରୁଥିବା ଦେଖି ସ୍ଥାନୀୟ ଲୋକେ କାବୁ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବଜାରରୁ ଉଦ୍ଧାର ଯୁବତୀଙ୍କୁ ହସ୍ତାନ୍ତର

**ପାଣିକୋଇଲି, ୨୪।୧୨(ସମିସ):** ପାଣିକୋଇଲି ବଜାରରେ ଜଣେ ଯୁବତୀ ବସି କାନ୍ଦୁଥିବାବେଳେ ପାଣିକୋଇଲି ପୁଲିସ ତାଙ୍କୁ ଉଦ୍ଧାର କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ମାସିଗାଁ ସାହିର ଜଣେ ୨୨ ବର୍ଷୀୟା ଯୁବତୀ ପ୍ରେମିକ ସହିତ ଘରୁ ଲୁଚି ପଳାଇ ଆସିଥିଲା। ତେବେ ଉକ୍ତ ଯୁବତୀଙ୍କ ପ୍ରେମିକ ତାଙ୍କୁ ନିଶା ଖୁଆଇ ଭୁବନେଶ୍ୱର ବସଷ୍ଟାଣ୍ଡରେ ବାଲେଶ୍ୱର ବସ୍‌ରେ ବସାଇ ଫେରାର ହୋଇଯାଇଥିଲା। ପାଣିକୋଇଲି ଛକ ପୂର୍ବରୁ ଉକ୍ତ ଯୁବତୀଙ୍କ ନିଶା ଖସିବା ପରେ ପାଖରେ ପ୍ରେମିକକୁ ନ ପାଇ କାନ୍ଦିବାରୁ ବସ୍ କର୍ମଚାରୀ ତାଙ୍କୁ ପାଣିକୋଇଲି ବସ୍‌ଷ୍ଟପରେ ଓହ୍ଲାଇ ଦେଇଥିଲେ। ବସ୍‌ରୁ ଓହ୍ଲାଇ ପାଣିକୋଇଲି ବଜାରରେ ଉକ୍ତ ଯୁବତୀ ଜଣକ ବସି କାନ୍ଦୁଥିବାବେଳେ କିଛି ବ୍ୟକ୍ତି ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟଙ୍କୁ ଜଣାଇଥିଲେ। ସେମାନେ ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ପୁଲିସ ଉକ୍ତ ଯୁବତୀଙ୍କୁ ଦାନଗଦୀସ୍ଥ ଜାଗୃତି ସର୍ଟ ଷ୍ଟେହୋମରେ ରଖିବା ସହିତ ଯୁବତୀଙ୍କ ପିତାମାତାଙ୍କୁ ଖବର ଦେଇଥିଲା। ଯୁବତୀଙ୍କ ପିତାମାତା ପହଞ୍ଚିବା ପରେ ପୁଲିସ ଉକ୍ତ ଯୁବତୀଙ୍କୁ ସେମାନଙ୍କୁ ହସ୍ତାନ୍ତର କରିଥିଲା।

## ଡିଲର ସଂଘର ବିଡିଓଙ୍କୁ ଦାବିପତ୍ର

**କୋରେଇ, ୨୪।୧୨(ସମିସ):** କୋରେଇ ବ୍ଲକ ପିଡ଼ିଏସ ଡିଲର ସଂଘ ପକ୍ଷରୁ ୧୬ ଦଫା ଦାବି ନେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଖୁଚୁରା ବିକ୍ରେତାଙ୍କ ପାରିଶ୍ରମିକ ବୃଦ୍ଧି, ପିଏମଜିକେୱାଇର ବକେୟା ଅର୍ଥ ପ୍ରଦାନ ଭଳି ୧୬ ଦଫା ଦାବି ନେଇ ଆଜି କୋରେଇ ବିଡିଓଙ୍କୁ ବ୍ଲକ ଡିଲର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଚତୁର୍ଭୁଜ ନାୟକ, ସମ୍ପାଦକ ପ୍ରଦୀପ ମହାପାତ୍ର, ଡିଲର ରଞ୍ଜିତ ସିଂ, ରବୀନ୍ଦ୍ର ପଣ୍ଡା, ବାବନ ସାହୁ, ଉପେନ୍ଦ୍ର ସ୍ୱାଇଁ, ପ୍ରଭାତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା

**କୁଆଖିଆ, ୨୪।୧୨(ସମିସ):** ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀନାରାୟଣ ପୂଜା ଧିରେ ଧିରେ ଜମୁଛି। ଶୀତକୁ ଖାତିରି ନ କରି ଦର୍ଶକଙ୍କ ଗହଳି ବଢ଼ିବାରେ ଲାଗିଛି। ପୂଜା ମଣ୍ଡପରେ ଶାନ୍ତି କମିଟି ପକ୍ଷରୁ ଆୟୋଜିତ ବାଦୀପାଲା ଶ୍ରୋତାଙ୍କୁ ବିମୁଗ୍ଧ କରୁଛି। ସେହିପରି ସାରଙ୍ଗପୁର ମେଳଣ ପଡ଼ିଆରେ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ବିଭିନ୍ନ ଲୋକ ନୃତ୍ୟ, ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ଆକୃଷ୍ଟ କରିବାରେ ସଫଳ ହେଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମ ଆସନ୍ତା ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଶିଶୁ ସାହିତ୍ୟ ସମ୍ରାଟ୍ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ

# 'ସାହିତ୍ୟ ଉତ୍ତର ପିଢ଼ିଙ୍କୁ ଦାୟିତ୍ୱବାନ କରେ'

**ଧର୍ମଶାଳା, ୨୪।୧୨(ସମିସ)**




ସାହିତ୍ୟ ଉତ୍ତର ପିଢ଼ିଙ୍କୁ ଦାୟିତ୍ୱବାନ କରେ। ସଂସ୍କୃତି ଓ ପୂଜ୍ୟପୂଜା ସମ୍ପର୍କରେ ସଚେତନ କରାଏ ବୋଲି ବିଶିଷ୍ଟ ଅତିଥିମାନେ ଶିଶୁ ସାହିତ୍ୟ ସମ୍ରାଟ୍ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ଶତବାର୍ଷିକୀରେ ମତ ପ୍ରକାଶ କରିଛନ୍ତି।

ଆଜି ସାହିତ୍ୟ ଦର୍ପଣ ପତ୍ରିକା ଓ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ କହିଲେ, ଧର୍ମଶାଳା ଏକ ସାହିତ୍ୟ ସମୃଦ୍ଧ ଅଞ୍ଚଳ। ସାହିତ୍ୟିକଙ୍କ ସହଯୋଗ ରହିଲେ ଆମ ସାଂସ୍କୃତିକ ପୃଷ୍ଠଭୂମି ଆହୁରି ସମୃଦ୍ଧ ହେବ। ଧର୍ମଶାଳା କଲେଜ ପରିସରରେ କବି ଡକ୍ଟର ରାଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାକ୍ ସ୍ୱାଧୀନତା ସମୟରେ ଯେତେବେଳେ ଆମ ଭାଷା ସଙ୍କଟ ଦେଇ ଗତି କରୁଥିଲା, ସେ ସମୟରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରି ଯେଉଁ ବିଶ୍ୱ ଚେତନାର ବାର୍ତ୍ତା ଦେଇଛନ୍ତି, ବାସ୍ତବରେ ତା'ର ପଟାନ୍ତର ନାହିଁ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଯୋଗ ଦେଇ ଉପେନ୍ଦ୍ର ତ୍ରିପାଠୀଙ୍କୁ ଜଣେ ବହୁମୁଖୀ ପ୍ରତିଭା ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ କବି ତଥା ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ ସାହିତ୍ୟ ପୁରାତନ ସହିତ ଯୋଡ଼ି ହେଲେ ତା'ର ମିଠାପଣ ଆମେ ଅନୁଭବ କରିପାରିବା। ଏ ଅବସରରେ ଅତିଥିମାନେ ବିମଳ ପତିଙ୍କ କବିତା ପୁସ୍ତକ ପବନ ବହୁଛି ବହୁ ଥାଉ, ଡକ୍ଟର ବସନ୍ତ କିଶୋର ସାହୁଙ୍କ ପୁସ୍ତକ ଓଡ଼ିଆ ଶିଶୁ ସାହିତ୍ୟର ଗତି ଓ ସ୍ଥିତିକୁ ଉନ୍ମୋଚନ କରିଥଲେ। ଉତ୍ସବ ଆରମ୍ଭରେ ସାହିତ୍ୟ ଦର୍ପଣ ସମ୍ପାଦକ ବିମଳ ପତି ଅତିଥି ପରିଚୟ ଦେଇଥିବାବେଳେ ସାମ୍ବାଦିକ ଆନନ୍ଦ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ।

ଏ ଅବସରରେ କବି ବଟକୃଷ୍ଣ ଓଝା, କବି ଡକ୍ଟର ରାଜ କିଶୋର ପାଢ଼ୀ, କବି ଡକ୍ଟର ବସନ୍ତ କିଶୋର ସାହୁ, ଝୁମୁକା ପତ୍ରିକାର ସମ୍ପାଦକ ମାନସ ସାମଲ, ଚୌଦ୍ୱାରର ଏସଡିପିଓ ଉମାକାନ୍ତ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବି ଡକ୍ଟର ପ୍ରଶାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସଂଯୋଜକ ଭାବେ କବି ଭକ୍ତ ଚରଣ ସାହୁ, କବି ରଶ୍ମିତା ନାୟକ ଯୋଗ ଦେଇ କବିତା ସଂଯୋଜନା କରିଥିଲେ। ସାମ୍ବାଦିକ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରବିନ୍ଦ୍ରନାଥ ଜେନା
ଆର୍ବିଭାବ- ୨୧.୧୧.୧୯୩୫
ତିରୋଧାନ- ୦୬.୧୨.୨୦୨୨

ଚାଲିଗଲ ପରା ସରଗପୁରକୁ
ଆନନ୍ଦରେ ତମେ ରହିଥାଅ,
ସେ'ପାରିରେ ରହି ଆମରି ସର୍ଭିଙ୍କୁ
ସଦା ଆଶିର୍ବାଦ ଦେଉଥାଅ ।

ସମୟ ସ୍ରୋତରେ ତମେ ଭାସିଯାଇ, ଆକାଶର ନୀଳିମାରେ ହଜିଗଲ...
ଗୋଟାଏ ବର୍ଷ ଏ ଭିତରେ ବିତିଯାଇଛି... ଆଖିର ଲୁହ ଶୁଖିନି...
ଆଉ ଆଜି ଆସିଛି ସେହି ପବିତ୍ର ସ୍ମୃତିର ଦିନ ।
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଭାଇ-ଭାଉଣୀ, ପୁତୁରା-ଝିଆରି, ଭଣଜା-ଭାଣିଜୀ, ନାତି ଓ ନାତୁଣୀମାନେ

# 'ବିନୋଦବାବୁ ଜଣେ ଭଲ ମଣିଷ ଥିଲେ'

**ବରୀ, ୨୪।୧୨ (ସମିସ):** ବର୍ଷୀୟାନ ବିନୋଦ ବାବୁ ଜଣେ ଭଲ ମଣିଷ ଥିଲେ। ତାଙ୍କ ନିକଟରେ ଅନେକ ଭଲ ଗୁଣ ସହ ଗୋଳକୁଣ୍ଡ ଗ୍ରାମର ମୁରବି ଭଳି କାମ କରୁଥିଲେ ବୋଲି ବରୀ ବିଧାୟିକା ସୁନନ୍ଦା ଦାସ ସ୍ୱର୍ଗତ ବିନୋଦ ଜେନାଙ୍କ ସ୍ମୃତିଚାରଣ ସଭାରେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି। ବରୀ ବ୍ଲକ୍ ଅନ୍ତର୍ଗତ ଗୋଳକୁଣ୍ଡ ଗ୍ରାମର ବିନୋଦ ଜେନାଙ୍କ ନିକଟରେ ପରଲୋକ ହୋଇଯାଇଥିଲା। ତାଙ୍କ ଏକାଦଶାହରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିମାନେ ସ୍ୱର୍ଗତ ଜେନାଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରୀ ବିଜୁ ଜନତା ଦଳର ଅନ୍ୟତମ ନେତା ବିଶ୍ୱରଞ୍ଜନ ମଲ୍ଲିକ, ସଂଯୋଜକ ଦେବୁଲି ଦାସ, ଆରତି ଦେଇ ଓ ପ୍ରସନ୍ନ ମଲ୍ଲିକ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଗଗନଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଗୁଣଚରଣ ନାୟକ, ଅନନ୍ତ ନାୟକ, ଅକ୍ଷର ରାୟ, ଶରତ ଚନ୍ଦ୍ର ରାୟ, ଭଞ୍ଜକିଶୋର ଦାସ, କପିଳ ଚରଣ ସାମଲ, ରବୀନ୍ଦ୍ର ପତି, ବିବେକାନନ୍ଦ ଜେନା ଓ ଅକ୍ଷୟ ବେହୁରିଆ ପ୍ରମୁଖ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ବିନୋଦ ଜେନାଙ୍କ ଜ୍ୟେଷ୍ଠପୁତ୍ର ତଥା ସାମାଜିକ କର୍ମୀ କିଶୋର ମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



### ପଞ୍ଚାୟତ ଅଫିସ୍‌ରେ ଖତଖାଉଛି ଅଳିଆବୁହା ଗାଡ଼ି

# ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା; ଲୋକେ ଅତିଷ୍ଠ

**ବାଲିଚନ୍ଦ୍ରପୁର ୨୪।୧୨(ସମିସ)**

କଥାରେ ଅଛି 'ଗାଁ ପରିମଳ ଧୋବା ତୁଠରୁ'। ପରିଷ୍କାର ପରିଚ୍ଛନ୍ନତା ଏକ ମାନବୀୟ ଜୀବନର ମୁଖ୍ୟ ଆଦର୍ଶଣୀୟ ଜୀବନଚର୍ଯ୍ୟା। ପାଠ୍ୟପୁସ୍ତକର ଅଧ୍ୟାୟ ବା କୌଣସି ସାରଗର୍ଭକ ଭାଷଣର ଧାଡ଼ି, ସୁଧ ଆଚରଣ ଯେପରି ଜଣେ ମଣିଷର ଉତ୍ତମ ବ୍ୟକ୍ତିତ୍ୱକୁ ପ୍ରଦର୍ଶିତ କରିଥାଏ, ସେହିଭଳି ସ୍ୱଚ୍ଛତାକୁ ଜଣେ ନିଜ ଚେତନାର ଜାଗରଣ ଭାବେ ଚିନ୍ତା କରିବା ଓ ଏହାକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବାର ପ୍ରାସଙ୍ଗିକତା ରକ୍ଷା କରେ। ତେବେ ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତର ସ୍ୱଚ୍ଛତା ବାଟବଣା ହୋଇଛି। ପଞ୍ଚାୟତର ଚାରିଆଡେ କମ୍ପୋଷ୍ଟପିଟ ଓ ଡଷ୍ଟବିନ ତିଆରି ହୋଇଥିବା ଦେଖିବାକୁ ମିଳୁଛି। କିନ୍ତୁ ସେସବୁ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଯାଇଛି। ସେହି ଅଳିଆଗୁଡ଼ିକ ବହୁଦିନ ରହିଯିବାରୁ ସେହି ସ୍ଥାନରୁ ଦୁର୍ଗନ୍ଧ ବାହାରୁଛି। ଫଳରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ପଞ୍ଚାୟତ ଅଫିସ୍‌ରେ ଅଳିଆବୁହା ଗାଡ଼ି ଥିଲେ ହେଁ ତାହା କାମରେ ଲାଗୁନି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ଦୀର୍ଘଦିନରୁ ଏହି ଅଳିଆ ଗଦା ହୋଇଥିବାବେଳେ ଏଥିପ୍ରତି କାହାର ନଜର ନାହିଁ କି ଅଳିଆ ସଫା କରିବା ପାଇଁ ଉଦ୍ୟମ କରାଯାଇନାହିଁ। ଅନ୍ୟପକ୍ଷରେ ପଞ୍ଚାୟତ ସମ୍ମୁଖରେ ଦୁଇଟି ଅଳିଆ ବୁହା ଗାଡ଼ି ଛିଡା ହୋଇଥିବାର ଦେଖିବାକୁ ମିଳୁଛି। ଦୀର୍ଘଦିନ ଧରି ଖରା, ବର୍ଷାରେ ବାହାରେ ଛିଡା ହୋଇଥିବାରୁ ସେଗୁଡିକ କଳଙ୍କି ଲାଗି ନଷ୍ଟ ହୋଇଗଲାଣି। ପଞ୍ଚାୟତର ବିଭିନ୍ନ କାନ୍ଥମାନଙ୍କରେ ଅଳିଆ ବାହାରେ ପକାଇଲେ ଦଣ୍ଡନୀୟ ଅପରାଧ ବୋଲି ଲେଖା ହୋଇଛି। ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ମାଟି, ପାଣି ଓ ପବନ ପ୍ରଦୂଷିତ ହେଉଛି। ଲୋକମାନେ ଅଳିଆ ଗଦାରେ ଅଳିଆ ପକାଇଲା ପରେ ସେଗୁଡିକ ସଫା କରାଯାଉ ନ ଥିବାରୁ ସେମାନେ ଅଳିଆ କେଉଁଠାରେ ପକାଇବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ପଞ୍ଚାୟତରେ ଏଣେତେଣେ ପଡିଥିବା ଅଳିଆ ଆବର୍ଜନାକୁ ଯଥାସମ୍ଭବ ମିଳିଥିବା ଅଳିଆ ଗାଡି କିମ୍ବା ଅନ୍ୟ ଉପାୟରେ ସଫା କରାଗଲେ ପରିବେଶ ଦୂଷିତ ହେବ ନାହିଁ ବୋଲି ଗ୍ରାମବାସୀ ମତ ରଖିଛନ୍ତି।



## ନୀଳକଣ୍ଠପୁର ଗ୍ରାମରେ କୁରାଳ ପଞ୍ଚମୀ ଉତ୍ସବ

**ଧର୍ମଶାଳା, ୨୪।୧୨(ସମିସ):** ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତର ନୀଳକଣ୍ଠପୁର ଗ୍ରାମରେ କୁରାଳ ପଞ୍ଚମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ନରେନ୍ଦ୍ର ବେହେରା ଓ ପତ୍ନୀ ତୁଳସୀ ବେହେରା ସଂକଳ୍ପରେ ବସିଥିଲେ। ଗାଁର ସମସ୍ତ ମାଆମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବନ୍ଦାପନା କରିଥିଲେ। ଯୁଧିଷ୍ଠିର, ବୀରବର, ନିରଞ୍ଜନ, ଚିନ୍ତାମଣି, ଉପେନ୍ଦ୍ର, ଗୋପାଳ ପ୍ରମୁଖ ସଭ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ସଫଳ କୃଷକଙ୍କ ଦେହାନ୍ତ

**କୋରେଇ,୨୪।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ତୁଳତୀ ରହମାନପୁର ଗ୍ରାମର ସଫଳ କୃଷକ ରାହାସ ବିହାରୀ ରାଉତ(୭୩)ଙ୍କ ଦେହାନ୍ତ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ। ନିତ୍ୟକର୍ମ ସାରି ଜଳଖିଆ ଖାଇ ଶୋଇଥିବାବେଳେ ହଠାତ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ପରିବାର ଲୋକେ ନିକଟସ୍ଥ ଡାକ୍ତରଖାନା ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ମେଳାପି ସ୍ୱଭାବର ଧାର୍ମିକ ବ୍ୟକ୍ତି ଥିଲେ। ଜଣେ ସଫଳ କୃଷକ ଭାବେ ସେ ପରିଚିତି ଥିଲେ। ୧୯୮୮ରୁ ୨୦୦୮ ପର୍ଯ୍ୟନ୍ତ ୨୦ ବର୍ଷ ଧରି କୋଲକାତାସ୍ଥ ଓରିଏଣ୍ଟ ଇଂଜିନିୟରିଂ କମ୍ପାନୀରେ କାର୍ଯ୍ୟ କରିଥିଲେ। ପରେ ଗ୍ରାମକୁ ଫେରି ଚାଷ କାର୍ଯ୍ୟ କରି ପରିବାର ଚଳାଉଥିଲେ। କୋରେଇର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଥୟ ମହାନ୍ତି, ତୁଳତୀ ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ମଲିକ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ନାୟକ, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଗୁରୁକୁଳ ପବ୍ଲିକ୍ ସ୍କୁଲର ବାର୍ଷିକ ପ୍ରଦର୍ଶନୀ

**ଧର୍ମଶାଳା,୨୪।୧୨(ସମିସ):** ଧର୍ମଶାଳା ବ୍ଲକ୍ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ୍ ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ଅରୁଣ କୁମାର ପାତ୍ର ଓ ଉଦ୍‌ଘାଟକ ଭାବେ ଧର୍ମଶାଳା ବ୍ଲକ୍ ଶିକ୍ଷାଧୀକାରୀ ନିକୁଞ୍ଜବିହାରୀ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ସଭାପତି ଅଭୟ କୁମାର ଜେନା, ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ଓ ଉପଦେଷ୍ଟା କଳ୍ପତରୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ

**ଯାଜପୁର ଟାଉନ, ୨୪।୧୨ (ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ବରିଷ୍ଠ ସଦସ୍ୟ ଗୋପାଳ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ରାସ୍ତାରେ ବସିଥିବା ଅସହାୟ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପ୍ରବଳ ଥଣ୍ଡା ଜାରି ରହିଥିବାରୁ ମାନସିକ ବିକାରଗ୍ରସ୍ତ ଲୋକଙ୍କୁ ଅନ୍ୱେଷଣର ସଦସ୍ୟସଦସ୍ୟା ବାଇକ୍ ଯୋଗେ ବିରଜା ମନ୍ଦିର, ଶନି ମନ୍ଦିର, ରକ୍ଷାକାଳୀ ମନ୍ଦିର, ବରାହ ମନ୍ଦିର ସନ୍ନିକଟ, ଗାନ୍ଧି ଛକରେ ପହଞ୍ଚି ସେଠାରେ ବସିଥିବା ଅସହାୟ ଲୋକଙ୍କୁ କମ୍ବଳ ଘୋଡ଼ାଇ ଦେବା ସହିତ ଫଳ ବଣ୍ଟନ କରିଥିଲେ। ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, କୋଷାଧ୍ୟକ୍ଷ ଧନଞ୍ଜୟ ପୃଷ୍ଟି, ବରିଷ୍ଠ ସଦସ୍ୟ ଅଶୋକ ପାଣିଗ୍ରାହୀ, ଅଜିତ ସାହୁ, ଗୋପାଳ ଚନ୍ଦ୍ର ବେହେରା, ସଦସ୍ୟା ଟୁନି ବେହେରା, ସକୁନ୍ତଳା ବେହେରା, ମାମାଲି ସାହୁ, ସମ୍ପାଦକ ଅଭିମନ୍ୟୁ ମିଶ୍ର ସାମିଲ ଥିଲେ।

## ଏନ୍‌ସି କଲେଜରେ ବାର୍ଷିକ ଆଲୋଚନାଚକ୍ର

**ଯାଜପୁର,୨୪।୧୨(ସମିସ):** ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସିଂ ବିଭାଗ ପକ୍ଷରୁ ବିବିଏ, ବିସିଏ, ଏମଏସଡବ୍ଲୁ ଏବଂ କମ୍ପ୍ୟୁଟର ସାଇନ୍ସ ଦ୍ୱାରା ଏକ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ କଲେଜର ଅଧ୍ୟକ୍ଷ ଡ. ବିଷ୍ଣୁଚରଣ ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ହେବା ସହିତ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ସଂଯୋଜକ ପ୍ରଫେସର ପ୍ରମୋଦ କୁମାର ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶାଶ୍ୱତ କିଶୋର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ କିପରି ସଫଳତା ହାସଲ କରିବେ ସବିଶେଷ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ଡ. ଶୁଭେନ୍ଦୁ କୁମାର ପାଣି, କୃପାଜଳ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଭୁବନେଶ୍ୱର କମ୍ପ୍ୟୁଟର ସାଇନ୍ସର ଛାତ୍ରଛାତ୍ରୀଙ୍କୁ କିପରି ଭାବରେ ପ୍ରତିଯୋଗିତାମୂଳକ ମନୋଭାବର ସହିତ ବର୍ତ୍ତମାନର ବୌଷୟିକ ଜ୍ଞାନକୁ ବ୍ୟବହାର କରି ନିଜକୁ ପ୍ରମାଣିତ କରିପାରିବେ ସେ ନେଇ ଆଲୋଚନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ସାମାଜିକ ବିଜ୍ଞାନ ଏବଂ ସିଏସ୍‌ଆରର ମୁଖ୍ୟ ଡ. ଜୟନ୍ତ କୁମାର ମହାନ୍ତି ଯୋଗଦେଇ ଛାତ୍ରୀମାନେ ସମାଜସେବା କ୍ଷେତ୍ରରେ କିପରି ସଫଳତା ହାସଲ କରିବେ ସେ ନେଇ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇଥିଲେ।

# ଟାଟା ଷ୍ଟିଲ ଫାଉଣ୍ଡେସନର 'ଅରୁଣିମା' ଉଦ୍‌ଯାପିତ




**କାଳିଆପାଣି, ୨୪।୧୨ (ସମିସ)**

ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ସୁକିନ୍ଦା କ୍ରୋମାଇଟ୍ ଖଣିଠାରେ ତିନିଦିନ ଧରି ଚାଲିଥିବା 'ଅରୁଣିମା-୨୦୨୩' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଟାଟା ଷ୍ଟିଲର ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗର କାର୍ଯ୍ୟକ୍ଷେତ୍ର ପାରିପାର୍ଶ୍ୱିକ ଜନସାଧାରଣଙ୍କ ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମହିଳା ସଶକ୍ତିକରଣ ଓ ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ଉପରେ ଚାଷୀଙ୍କୁ ନେଇ ସମ୍ମିଳନୀ ଆୟୋଜନ କରାଯାଇଥିଲା। ପ୍ରଥମ ଦିନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୨୫୬୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୧.୨୦ କୋଟି ଟଙ୍କାର ଜ୍ୟୋତି ଫେଲୋସିପ ପ୍ରଦାନ କରାଯିବା ସହ ଦ୍ୱିତୀୟ ଦିନରେ ୨୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ଜଳ ସଂରକ୍ଷଣ ଓ ଜଳ ପରିଚାଳନା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ସେହିପରି ତୃତୀୟ ଦିନରେ ଅଞ୍ଚଳର ଚାଷୀଙ୍କ ପାଇଁ ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ଓ ତତ୍‌ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଶେଷ ଦିବସରେ ଓଡ଼ିଶା ସରକାରଙ୍କ ଗ୍ରାମୀଣ ବିକାଶ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ପଦ୍ମଶ୍ରୀ ଦୈତାରୀ ନାୟକ, ମହିଳା ଉଦ୍ୟୋଗୀ ସରୋଜା ଚୌଧୁରୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରିଥିଲେ। ଏ ଅବସରରେ ଟାଟା ଷ୍ଟିଲ ସିଏସ୍‌ଆର୍ (ଓଡ଼ିଶା) ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ଟିଏସ୍‌ଏଫ୍ ସୁକିନ୍ଦା ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ, ଟିଏସ୍‌ଏଫ୍ କଳିଙ୍ଗନଗର ମୁଖ୍ୟ ଆଲେନ୍ ଜୋସେଫ, ଟିଏସ୍‌ଏଫ୍ ବ୍ରାହ୍ମଣୀପାଳ ମୁଖ୍ୟ ଜୟନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଶାଳା ଯୁବ ଭାରତ କୃଷକ ସଂଘ କର୍ମକର୍ତ୍ତା ମନୋନୟନ

**କବାଟବନ୍ଧ,୨୪।୧୨(ସମିସ):** ଯୁବ ଭାରତ କୃଷକ ସଂଘର ଧର୍ମଶାଳା ବ୍ଲକ୍ କମିଟି ପକ୍ଷରୁ କର୍ମକର୍ତ୍ତା ମନୋନୟନ ସ୍ଥାନୀୟ ମୁନି ବାବା ଆଶ୍ରମ ପରିସରରେ ଜିଲ୍ଲା ସଭାପତି ରାଜକିଶୋର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକ ଯୋଗଦେଇ କୃଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଚାଷୀମାନେ ବର୍ତ୍ତମାନ ଧାନମଣ୍ଡି ବିଷୟ ଉପରେ ଆଲୋଚନା କରିଥିଲେ। ଧର୍ମଶାଳା ବ୍ଲକ୍ ସଭାପତି ନୃସିଂହଚରଣ ଭୂୟାଁ ବୈଠକରେ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବରୀ ବ୍ଲକ୍ ସଭାପତି ବିଜୟ କିଶୋର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଧର୍ମଶାଳା ବ୍ଲକ୍ କମିଟି ପୁନଃଗଠନ କରାଯାଇ ସଭାପତି ଭାବେ ସର୍ବଶ୍ରୀ



ନୃସିଂହ ଚରଣ ଭୂୟାଁ, ଉପସଭାପତି ବଳରାମ ରାଉତ, ସାଧାରଣ ସମ୍ପାଦକ ଅନୀଲ କୁମାର ପଣ୍ଡା, ସହ ସମ୍ପାଦକ ସାବିତ୍ରୀ ସାହୁ ଓ ପୁରଷୋତ୍ତମ ବେହେରା, କୋଷାଧ୍ୟକ୍ଷ ଆଶାତରୁ ନାୟକ, ଆଇନ ସେଲ୍ ସଂଯୋଜକ ଶିବପ୍ରସାଦ ଜେନା, ସଂଯୋଜକ ମିଡିଆ ସେଲ୍ ବସନ୍ତ କୁମାର ନାୟକ ଓ ପ୍ରଭାକର ଦାସ, ବାଙ୍କବିହାରି ବେହେରା, ପ୍ରଫୁଲ୍ଲ ଜେନା, ଗଙ୍ଗାଧର ଯେନାମଣି, ରବୀନ୍ଦ୍ର ଦଳାଇ ପ୍ରମୁଖ କାର୍ଯ୍ୟ କାରିଣୀ କମିଟି ସଦସ୍ୟ ଭାବରେ ମନୋନୀତ ହୋଇଥିଲେ।

## ଭାରତୀବିହାର ମହାବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ହାତୀବାରି,୨୪।୧୨(ସମିସ):** ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସାମିଲ ହୋଇ ଭାରତୀବିହାର ମହାବିଦ୍ୟଳୟର ଛାତ୍ରଛାତ୍ରୀ ସ୍ୱଚ୍ଛତା ଅଭିଯାନକୁ ସଫଳ କରିପାରିଛନ୍ତି। ହାତୀବାରି ମେଡିକାଲରେ ଏକତ୍ରିତ ହୋଇ 'ଆମେ ଗଢ଼ିବୁ ନୂଆ ଓଡିଶା, ପରିମଳ ହେବ ଆମ ପଡ଼ିଶା' ସ୍ଲୋଗାନରୁ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରାଯାଇଥିଲା। ଗ୍ରାମ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜଗନ୍ନାଥ ମନ୍ଦିର ପରିସର ସଫେଇ କରାଯାଇ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ଜାଗ୍ରତ କରାଯାଇଥିଲା।

## ଡିଏଭି ସ୍କୁଲରେ ସାହିତ୍ୟ ସମ୍ମିଳନୀ

**ଯାଜପୁର,୨୪।୧୨(ସମିସ):** ଯାଜପୁର ଟାଉନସ୍ଥିତ ଡିଏଭି ସ୍କୁଲ ପରିସରରେ ସାହିତ୍ୟ ସମ୍ମିଳନୀ ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ ବର୍ଷ ପୂର୍ତ୍ତି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂସ୍କୃତି ଗଶେଷକ ତଥା ସଂସ୍କୃତ ଶିକ୍ଷକ ଡ. ଜ୍ଞାନରଞ୍ଜନ ପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟିକ ଡ. ଶ୍ରୀହରି ଧଳ, ମ୍ୟାନେଜିଂ କମିଟି ସଦସ୍ୟା ଶୁଭ୍ରାମଲ୍ଲିକା ମହାପାତ୍ର, ସିଆରସିସି ତିମିରଞ୍ଜନ ବେହେରା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାଟକ ପରିବେଷଣ, କବିତା ଆବୃତି, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ଭାଗବତ ଟୁଙ୍ଗିର ଉପାଦେୟତା, ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷା ପଦ୍ଧତି ଓ ଚାରିତ୍ରିକ ଜୀବନରେ ବୈଦିକ ଶିକ୍ଷାର ଅବଦାନ ବିଷୟ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ଦେବବ୍ରତ ପ୍ରଧାନଙ୍କ ଦ୍ୱାରା ପରିକ୍ଷାର ଫଳାଫଳ ଘୋଷଣା କରାଯାଇଥିଲା। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ମଦନମୋହନ ପଣ୍ଡା ଏବଂ ମ୍ୟାନେଜର ଦ୍ୱାରିକାନାଥ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା





**ବାଲିଚନ୍ଦ୍ରପୁର,୨୪।୧୨(ସମିସ):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୩୯ତମ ୨ଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଦଶମ ଶ୍ରେଣୀ ଛାତ୍ର କ୍ରୀଡ଼ା ମଶାଲ ବାଲିଚନ୍ଦ୍ରପୁରସ୍ଥ ହନୁମାନ ମନ୍ଦିରରୁ ବାହାରି ବିଦ୍ୟାଳୟରେ ପହଞ୍ଚିଥିଲା। ଉକ୍ତ ମଶାଲକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ ପରିଡ଼ା ଛାତ୍ରଙ୍କଠାରୁ ଗ୍ରହଣ କରି ସ୍ଥାପନ କରିଥିଲେ। ପ୍ରଥମେ ମୁଖ୍ୟଅତିଥିଙ୍କ ଦ୍ୱାରା ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇ ମାର୍ଚ୍ଚ ଫାଷ୍ଟ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡା ଅଧ୍ୟକ୍ଷତା କରିଥିବାବେଳେ ପତରାଜପୁର ପଞ୍ଚାୟତର ସମିତିସଭ୍ୟ କୁଳମଣି ବାରିକ ମୁଖ୍ୟଅତିଥି ଓ ମୋ ସ୍କୁଲ ଅଭିଯାନର ସଭାପତି ଜ୍ଞାନରଞ୍ଜନ ଦାସ ଯୋଗଦେଇ ଏହି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସ୍‌କସ୍, ସଟ୍‌ପୁଟ, ମ୍ୟୁଜିକ ଚେୟାର, ବାଇଗଣ ରେସ, ଆଳୁ ରେସ ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ପରିଚାଳନା କମିଟି ସଭାପତି ରାକେଶ ବାରିକ ଯୋଗଦେଇ ଖେଳକୁଦ ଦ୍ୱାରା ପିଲାଙ୍କ ଶାରୀରିକ, ମାନସିକ ବିକାଶ ହେବା ସହିତ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଥାଏ ବୋଲି ମତ ଦେଇଥିଲେ। ଦଶମ ଶ୍ରେଣୀ ଛାତ୍ର ଅମିତ ବେହେରା ସିନିଅର ବାଳକ, ନବମ ଶ୍ରେଣୀ ଛାତ୍ରୀ ଆସ୍‌ମା ବେଗମ ସିନିଅର ବାଳିକା, ଅଷ୍ଟମ ଶ୍ରେଣୀ ଛାତ୍ର ଅବତାବ ଅଲ୍ଲୀ ଜୁନିଅର ବାଳକ, ସପ୍ତମ ଶ୍ରେଣୀ ଛାତ୍ରୀ ମନୀସା ଘଡ଼ାଇ ଜୁନିଅର ବାଳିକା, ପଞ୍ଚମ ଶ୍ରେଣୀ ଛାତ୍ର ତ୍ରିଲୋକନାଥ ଦାସ ସବ୍‌ଜୁନିଅର ବାଳକ, ଚତୁର୍ଥ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା ବାରିକ ସବ୍‌ଜୁନିଅର ବାଳିକା ବିଭାଗ ଚାମ୍ପିଅନ୍ ହୋଇଥିଲେ। କ୍ରୀଡ଼ା ଉତ୍ସବକୁ କ୍ରୀଡ଼ା ଶିକ୍ଷକ ଦେବାଶିଷ ଦାଶ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟସଦସ୍ୟା ଓ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

**ଯାଜପୁର:** ଯାଜପୁରର ଅକରପଡାସ୍ଥ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଶୁଭେନ୍ଦ୍ର କୁମାର ସାମଲ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସେହିପରି ବିଦ୍ୟାଳୟର ଅଧ୍ୟକ୍ଷ କ୍ରୀଡ଼ାର ମହତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସଭାପତି ରାହୁଲ କୁମାର, କ୍ରୀଡ଼ା ଶିକ୍ଷକ କରନ୍ ଚିଲ୍ଲାର ଓ ସତ୍ୟପ୍ରକାଶ ଦାସଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶେଷରେ ମୁଖ୍ୟଅତିଥି ଓ ବିଦ୍ୟାଳୟର ଅଧ୍ୟକ୍ଷ ପୁରସ୍କାର ବିତରଣ କରିଥିଲେ।




**କୁଆଖିଆ:** ରସୁଲପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁରଠାରେ ଥିବା ଶିଶୁ ସୈନିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବଡ଼କଇଁଚି ପଞ୍ଚାୟତ ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହିତ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଚିତ୍ତରଞ୍ଜନ ଦାସ, ସ୍ମିତାରାଣୀ ସାହୁ, ଦେବୀଶ୍ରୀ ବିଶ୍ୱାଳ, ବନ୍ଦନା ପତି, ସନ୍ତୋଷୀ ସାହୁ, ସୌମ୍ୟଜିତ ସ୍ୱାଇଁ, ପୁଷ୍ପାଞ୍ଜଳି ପତି ଓ ସିପ୍ରା ରାଉତ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

**ସୁକିନ୍ଦା:** ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଙ୍କଡ଼ପାଳ ପଞ୍ଚାୟତର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଆୟୋଜିତ ହୋଇଯାଇଛି। ଶିକ୍ଷକ ନିରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ୩୭ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି ମୁଖ୍ୟଅତିଥି ଓ ସରପଞ୍ଚ ସଞ୍ଜୟ ପରିଡା, ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ପ୍ରଧାନ, ଶିକ୍ଷାବିତ୍ ପ୍ରମୋଦ ନାୟକ, ସମାଜସେବୀ ପ୍ରଭାତ ରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପତିତପାବନ ଉଚ୍ଚ ବିଦ୍ୟାଳୟ ଓ ମହାଗିରି ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ରଣପୁରରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

# 'ବିପଥଗାମୀ ସମାଜକୁ ଗୀତା ହିଁ ରାସ୍ତାକୁ ଆଣିପାରିବ'

**ଜଗତସିଂହପୁର, ୨୪।୧୨(ସମିସ):** ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁର ଗ୍ରାମର ମା' ଜାଗ୍ରତ ଗୌରୀଙ୍କ ପୀଠରେ ଆଞ୍ଚଳିକ ଗୀତା ପ୍ରଚାର ସମିତି ଆନୁକୂଲ୍ୟରେ ୩୦ତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆରମ୍ଭ ହୋଇଛି। ଏହି ବିଶ୍ୱଶାନ୍ତି ଗୀତା ମହାଯଜ୍ଞକୁ ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀ ଉଦ୍‌ଘାଟନ କରିଥିଲେ। ଶ୍ରୀମଦ ଭଗବଦ ଗୀତାର ପ୍ରତିଟି ବାଣୀ ଆଜିର ବିପଦଗାମୀ ସମାଜକୁ ଠିକ ରାସ୍ତାକୁ ଆଣିବାକୁ ସମର୍ଥ ବୋଲି ସେ କହିଥିଲେ। ସମଗ୍ର ମାନବ ସମାଜରୁ ମାନବୀୟ ମୂଲ୍ୟବୋଧ ଦ୍ରୁତ ଭାବରେ ହ୍ରାସ ପାଉଛି। ଏଣୁ ମହାନ ଆଧ୍ୟାତ୍ମିକ ଗ୍ରନ୍ଥ ଶ୍ରୀମଦ ଭଗବଦ ଗୀତାର ବାଣୀ ପ୍ରଚାର ପ୍ରସାର ହେବା ଆବଶ୍ୟକ। ଏହା ପ୍ରତିଟି ଜନଜୀବନର ଜୀବନଚର୍ଯ୍ୟାକୁ ଅନୁପ୍ରାଣିତ କରିବା ଉପରେ ସେ ଗୁରୁତ୍ୱାପ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ଗୀତା ପ୍ରଚାର ସମିତିର ସଭ୍ୟ ଆଇନଜୀବୀ ବୀର ନାରାୟଣ ପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ଏହି ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଏହି ଅଞ୍ଚଳର ଗଣ ପର୍ବ ହୋଇପାରିଛି ବୋଲି କହିଥିଲେ। ଗୀତା ପ୍ରଚାର ସମିତିର ସଭାପତି ବଟକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ ସଭାରେ ମୁଖ୍ୟବକ୍ତା ରୂପେ ତରତଙ୍ଗ ଭାରତୀ ମଠର ମୁଖ୍ୟ ସ୍ୱାମୀ ଗିରିଜାନନ୍ଦନ ପର୍ବତ ମହାରାଜ ଯୋଗଦେଇ ଆଜିର ସମାଜରେ ଆଧ୍ୟାତ୍ମିକ ଜୀବନଯାପନ ଦ୍ୱାରା ସାଧାରଣ ମଣିଷ ଦିବ୍ୟ ଚେତନା ଓ ସୁଖଶାନ୍ତିର ପ୍ରାପ୍ତି ହୋଇପାରିବ ବୋଲି କହିଥିଲେ। ଗୀତା ପ୍ରଚାର ସମିତିର ସମ୍ପାଦକ ଚନ୍ଦ୍ରଶେଖର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପଣ୍ଡିତ ହୃଷିକେଶ ସାହୁ ଅନ୍ୟତମ ଅତିଥି ରୂପେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଗୀତା ସମ୍ବନ୍ଧୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପ୍ରାଣକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ବାରିକ, ରାମଚନ୍ଦ୍ର ଗାୟ, ପ୍ରଶାନ୍ତ ସ୍ୱାଇଁ, ଶିଶିର ଶତପଥୀ, ନରୋତ୍ତମ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ୨୬ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।



## ବକେୟା ପାଉଣା ନ ପାଇ ଡିଲର ଅସନ୍ତୁଷ୍ଟ



**ଜଗତସିଂହପୁର, ୨୪।୧୨(ସମିସ):** ଜଗତସିଂହପୁର ଡିଲର ସଂଘ ପକ୍ଷରୁ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଉପ-ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘଦିନ ଧରି ସେମାନେ ବିଭାଗୀୟ ଅଧିକାରୀଙ୍କଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଦାବିପୂରଣ ନ ହେବାରୁ ବିକ୍ଷୋଭ ପାଇଁ ବାଧ୍ୟ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି। କରୋନା ସମୟରେ ୨୮ ମାସ ଧରି ବିନା ପାରିଶ୍ରମିକରେ ଖାଉଟି ସାମଗ୍ରୀ ବିତରଣ କରିଥିଲେ। ବାରମ୍ବାର ଦାବି ପରେ ମାତ୍ର ୬ ମାସର ପାଉଣା ମିଳିଛି ବୋଲି ସଂଘ ଅଭିଯୋଗ କରିଛି। ସଂଘ ସଭାପତି ଶରତଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଡିଲରମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। କୈଳାସ ଚନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ସାହୁ, ନରେଶ ସ୍ୱାଇଁ, ତରୁଣ ସ୍ୱାଇଁ, ପ୍ରେମାନନ୍ଦ ମହାପାତ୍ର, ରବୀନ୍ଦ୍ର ସାହୁ, ହରେକୃଷ୍ଣ ବେହେରା, ଅଜିତ ଷଡ଼ଙ୍ଗୀ, ଅନାଦି ସ୍ୱାଇଁ, ଯଶୋବନ୍ତ ପଲ୍ଲେଇ, ଅଭୟ ବାରିକ, ଶିବପ୍ରସାଦ ମହାନ୍ତି ପ୍ରମୁଖ ଉପଜିଲ୍ଲାପାଳ ପ୍ରଦୀପ ସାହୁ, ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଗୋଟିଏ ଜାଗାରେ ଦୁଇବ୍ୟକ୍ତି ଦାବିବାର



**ପାରାଦୀପ, ୨୪।୧୨(ସମିସ):** ପାରାଦୀପ ନ୍ୟୁ ଜଗନ୍ନାଥ କଲୋନୀରେ ଗୋଟିଏ ଜାଗାକୁ ଦୁଇ ଜଣ ବ୍ୟକ୍ତ ଦାବି କରିଛନ୍ତି। ସୌଦାଗର ବିଶ୍ୱାଳ ଘର କରି ରହୁଥିବାବେଳେ ସୀତାକାନ୍ତ ପରିଡ଼ା ନାମକ ଅନ୍ୟ ଜଣେ ବ୍ୟକ୍ତି ଏହା ତାଙ୍କର ବୋଲି ଦାବି କରିଛନ୍ତି। ଏହାକୁ ନେଇ ବିବାଦ ଉପୁଜିଛି। ମାପଚୁପ ଚାଲିଥିବା ବେଳେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ଫଳରେ ମାପଚୁପ ବନ୍ଦ କରାଯାଇଥିଲା। ଖବର ପାଇ ଆଦର୍ଶ ଥାନା ପୁଲିସ ପହଞ୍ଚି ଥିଲା। ଦୀର୍ଘବର୍ଷ ହେବା ଏହି ଇଫ୍‌କୋ କମ୍ପାନୀ ନିର୍ମାଣ ସମୟରେ ନିଜର ଘର ଓ ଜମି ହରାଇଥିବା ବ୍ୟକ୍ତିଙ୍କୁ ନ୍ୟୁ ଜଗନ୍ନାଥ କଲୋନୀରେ ଜମି ପ୍ରଦାନ କରାଯାଇଥିଲା। ନ୍ୟୁ ଜଗନ୍ନାଥ କଲୋନୀରେ ସୌଦାଗର ଓ ସୀତାକାନ୍ତ ଜଣେ ବ୍ୟକ୍ତିଙ୍କଠାରୁ ଜମି କିଣିଥିଲେ। ବର୍ତ୍ତମାନ କଲୋନୀରେ ସେଟଲମେଣ୍ଟ ଚାଲିଥିବା ସମୟରେ ସୀତାକାନ୍ତ ପହଞ୍ଚି ସୌଦାଗର ଘର ନିର୍ମାଣ କରିଥିବା ଜମି ତାଙ୍କର ବୋଲି ଦାବି କରିଛନ୍ତି। ଏଣୁ କଲୋନୀ ସେଟଲମେଣ୍ଟ ପାଇଁ ତହସିଲ ଅଫିସରୁ ଆସିଥିବା କର୍ମଚାରୀ ହଟହଟା ହୋଇଥିଲେ।

## ଶ୍ରୀଜଗନ୍ନାଥ ଚାରିଟେବଲ ଟ୍ରଷ୍ଟର ପିତୃପୂଜା

**କେନ୍ଦ୍ରାପଡ଼ା, ୨୪।୧୨(ସମିସ):** ପରିବାର ଗଠନରେ ପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର ପିଲାମାନେ 'ବାପା'ଙ୍କୁ ଡାଡି ଡାକି ବାପାର ମଧୁର ଡାକ ଭୁଲି ଯାଉଛନ୍ତି। ଯେଉଁ ବାପା ତା ପୁଅକୁ କାନ୍ଧରେ ବସାଇ ସହର ବଜାରରେ ମୋ ପୁଅ କହି ବୁଲାଉ ଥିଲା ସେହି ବାପା ସମୟ କ୍ରମରେ ବୃଦ୍ଧା ଶ୍ରମରେ ରହୁଛି। ଏହି ପରମ୍ପରାକୁ ଦୂରାଇବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପିତୃପୂଜା କାର୍ଯ୍ୟକ୍ରମର ଆୟୋଜନ କରିଛି। କାର୍ଯ୍ୟକ୍ରମରେ ପିତାମାନଙ୍କୁ ଏକତ୍ରିତ କରି ହଳଦୀ ପାଣିରେ ପାଦ ଧୋଇବା ସହିତ ଫୁଲ, ଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରଯାଇଥିଲା। ପିତାମାନଙ୍କୁ ବନ୍ଦାପନା ସମୟରେ ଏପରି ଅପୂର୍ବ ମୂହୁର୍ତ୍ତ ଥିଲା ଯେ ସମସ୍ତଙ୍କ ଆଖିରେ ଥିବା ଖୁସିର ଲୁହ ବାହାରି ଆସୁଥିଲା। ଏହି ସମୟ ଭିନ୍ନ ଏକ ପରିବେଶ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମ ସ୍ୱର୍ଗତ ରତ୍ନାକର ବାରିକଙ୍କ ସ୍ମୃତିରେ କେନ୍ଦ୍ରାପଡ଼ା ମାଧପୁରସ୍ଥିତ ନେତାଜୀ ମଡେଲ ସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ସମାଜ ପ୍ରତି ଅବଦାନ ଥିବା କେତେକଙ୍କୁ ମଧ ସମ୍ବର୍ଦ୍ଧିତ କରାଯଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବଲ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ସାମିଲ ଥିଲେ।

## 'ଶିକ୍ଷା ବିକାଶର ଚାବିକାଠି'



**କୁଜଙ୍ଗ, ୨୪।୧୨(ସମିସ):** ପଙ୍କପାଳସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲ ରାହାମାର ନବମ ବାର୍ଷିକ ଉତ୍ସବ 'ନମାମୀ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନାଇଜର ଭୁବନେଶ୍ୱରର ଉପକୂଳପତି ଡ. ଅଭୟ ନାୟକ ଯୋଗଦେଇ ଶିକ୍ଷା ବିକାଶର ଚାବି କାଠି। ଏହାକୁ ଉପଯୁକ୍ତ ସମୟରେ ପ୍ରତିଟି ପରିବାର ଓ ଅନୁଷ୍ଠାନ ଯତ୍ନଶୀଳ ହୋଇ କରାଇବା ସହ ପିଲାଙ୍କ ପାଠ ଅନନ୍ଦଯୁକ୍ତ ହେବା ଉଚିତ ବୋଲି କହିଥିଲେ। ମୁଖ୍ୟ ବକ୍ତା ରୂପେ ପ୍ରଧାନ ଶିକ୍ଷକ ସୁଭାଷଚନ୍ଦ୍ର ରାଉତ, ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ନବୋଦୟ ବିଦ୍ୟାଳୟ ସାଇଲୋର ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର, ବରିଷ୍ଠ ଶ୍ରମିକ ନେତା ଇଂ ସୁଧାକର ମନ୍ତ୍ରୀ, ବିଦ୍ୟାଳୟର ଚେୟାରମ୍ୟାନ୍ ଜ୍ଞାନଚାନ୍ଦ ଅଚାର୍ଯ୍ୟ, ଶିକ୍ଷକ ନେତା ବସନ୍ତ ଦାସ, କୁଜଙ୍ଗ କୋର୍ଟର ପିପି ଆଡଭୋକେଟ୍ ଦେବାଶିଷ କଣ୍ଠ, ଜିଲ୍ଲା ଓଷ୍ଟାର ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ସୁନାକର ବେହେରା, ଶିକ୍ଷାବିତ୍ ସର୍ବେଶ୍ୱର ଜେନା, ଇଂ ବ୍ରଜବନ୍ଧୁ ଖଟାଇ, ବିନୋଦ ବିହାରୀ ମୁଦୁଲୁ, ଆର୍ଯ୍ୟ ରଞ୍ଜନ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଥିଲେ। ଶେଷରେ ବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉଷାରାଣୀ ମହାରଣା, ଅର୍ଚ୍ଚନା ସାହୁ, ପୂଜାଲିନ ସାହୁ, ଲକ୍ଷ୍ମୀପ୍ରିୟା ରାଉତ, ଅଜିତ ସାହୁ, ସରୋଜ ପ୍ରଧାନ, ବିଭୁ ପ୍ରସାଦ ମହାପାତ୍ର, ସୁଶାନ୍ତ ବାରିକ, ରଜତ ମହାପାତ୍ର ଓ ରଶ୍ମିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ ବାନାମ୍ବର ଶତପଥୀ ଓ ଆଦିତ୍ୟ ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟର ଅଧକ୍ଷ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ।

DSPL-454

ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୩-୨୪





- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ମାସରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୩୧ ଡିସେମ୍ବର ୨୦୨୩ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।

ପଞ୍ଜିକରଣ ପ୍ରକ୍ରିୟା :
- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଯୋଗାଯୋଗ କରି ପୂର୍ବରୁ ପଞ୍ଜିକୃତ ତଥ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଚଳିତ ବର୍ଷ ଯେଉଁ ନୂତନ ଚାଷୀ ଏହି ପଞ୍ଜିକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥା କିମ୍ବା ନିକଟସ୍ଥ କୃଷି କାର୍ଯ୍ୟାଳୟରୁ ପଞ୍ଜିକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜିକରଣ ମଧ୍ୟ କରିପାରିବେ।
- ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ।

ପଞ୍ଜିକରଣ ଅବଧି :
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତଥା ଶେଷ ତାରିଖକୁ ଅପେକ୍ଷା ନ କରି ପ୍ରତ୍ୟେକ ମାଣ୍ଡିଆ ଚାଷୀ, ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଆବଶ୍ୟକୀୟ ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ମାଣ୍ଡିଆ ବିକ୍ରୟ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ତାରିଖ ଉକ୍ତ ଫର୍ମରେ ଉଲ୍ଲେଖ କରିବାକୁ ହେବ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜିକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଯେଉଁ ଜିଲ୍ଲା/ବ୍ଲକ ଗୁଡିକରେ ନୂତନ ଭାବରେ ମାଣ୍ଡିଆ ଚାଷ କରାଯାଇଛି, ଉକ୍ତ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।

ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :
- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ତଥ୍ୟକୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ loginରେ ଡିଜିଟାଇଜ କରିବା ସହ ପଞ୍ଜିକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବେ।

ଭାଗ ଚାଷୀ :
ଭାଗ ଚାଷୀମାନେ ମଧ୍ୟ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ।

କ୍ଷୁଦ୍ର ଓ ନାମମାତ୍ର ଚାଷୀ :
ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।

₹ ୩୮୪୬/-
କୁଇଣ୍ଟାଲ ପ୍ରତି
(୨୦୨୩-୨୪ ଖରିଫ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ)

OIPR - 01510/13/0008/2324

For more details visit- www.milletsodisha.com | Follow us on Odisha Millets Mission

# ପଲ୍ଲିଶ୍ରୀ ମେଳା କାରବାର ୧ କୋଟି ଛୁଇଁଲା






**କେନ୍ଦୁଝର,୨୪।୧୨(ସମିସ)**

କେନ୍ଦୁଝରଠାରେ ଚାଲିଥିବା ଜାତୀୟସ୍ତରର ପଲ୍ଲିଶ୍ରୀ ମେଳାର ରବିବାର ୭ମ ଦିନରେ ପହଞ୍ଚିଛି। ରବିବାର ପର୍ଯ୍ୟନ୍ତ କାରବାର ୧ କୋଟି ଛୁଇଁବା ସହିତ ସୋମବାର ଶେଷ ଦିନରେ ଅଧିକ କାରବାର କରିବେ ବୋଲି ପଲ୍ଲିଶ୍ରୀ ମେଳାରେ ଷ୍ଟଲ କରିଥିବା ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମା' ମାନେ ଆଶା ରଖିଛନ୍ତି। ଏହି ଅବସରରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାର ଅନୁଷ୍ଠାନମାନଙ୍କୁ ଓରମାସ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ପାଇଁ ଏଭଳି ମେଳା ବଜାର ଯୋଗାଇଥାଏ ବୋଲି କହିଥିଲେ। ଏଥିସହିତ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ସଙ୍ଗଠନମାନଙ୍କର କୁନି କୁନି କଳାକାରମାନେ ସେମାନଙ୍କର ପ୍ରତିଭା ବିକଶିତ କରାଇବାର ଏହା ଭଲ ମଞ୍ଚ ବୋଲି କହିଥିଲେ। ମାନପତ୍ର ପ୍ରଦାନ ଅବସରରେ ଓରମାସ ଉପନିର୍ଦ୍ଦେଶକ ସପନ ଗୋସ୍ୱାମୀ, ମିଶନ ଶକ୍ତି ଜିଲ୍ଲା ସଂଯୋଜକ ଶିଶିର ଷଡ଼ଙ୍ଗୀ, ଗ୍ରାଉଣ୍ଡ କମିଟି ସଦସ୍ୟ ତଥା 'ସକାଳ'ର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ଶରତ ଚନ୍ଦ୍ର ଦାସ, ସଦସ୍ୟ ସମ୍ବାଦିକ ପ୍ରଣୟ ପାଣି ପ୍ରମୁଖ ଉପସ୍ଥିତ ଥିବା ବେଳେ ସଂସ୍କୃତିକ କମିଟିର ସଦସ୍ୟ ତଥା ସାମ୍ବାଦିକ ଦେବାଶିଷ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## କୁହୁଡ଼ି ଘେରରେ ଜାତୀୟ ରାଜପଥ



**ତୁରୁମୁଙ୍ଗା, ୨୪।୧୨(ସମିସ):** କୁହୁଡିର ଧଳା ଚାଦର ତଳେ ପାଟଣା ଅଞ୍ଚଳ। ରବିବାର ସକାଳୁ ପାଟଣା ଅଞ୍ଚଳ ରେ କୁହୁଡି ର ଆସ୍ତରଣ ଦେଖିବାକୁ ମିଳିଛି ଫଳରେ ରାଜପଥରେ ଗାଡି ଚଳାଚଳରେ ସମସ୍ୟା ଦେଖାଦେଇଛି। ଘନ କୁହୁଡି ଯୋଗୁ ସକାଳୁ ସକାଳୁ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇଯାଇଛି। ପାଟଣା ଦେଇ ଯାଇଥିବା ୪୯ ନମ୍ବର ଜଓ ୨୨୦ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳରେ ସମସ୍ୟା ଦେଖା ଦେଇଦେଇଛି।

## ପୌରପାଳିକାରେ ନବୀନ ଓଡ଼ିଶା କ୍ରୀଡ଼ା ଉତ୍ସବ



**ଆନନ୍ଦପୁର, ୨୪।୧୨(ସମିସ):** ସମନ୍ୱିତ ଯୁବ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅବସରରେ ଆଜି ଆନନ୍ଦପୁର ପୌରପାଳିକା ପକ୍ଷରୁ ନୂଆ ଓଡ଼ିଶାର କ୍ରୀଡ଼ା ଉତ୍ସବର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଆନନ୍ଦପୁର ବିଏନ୍ ହାଇସ୍କୁଲ ଖେଳପଡିଆଠାରେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୌର ଅଧ୍ୟକ୍ଷା ସୁଶ୍ରୀ ରଜନୀରାଣୀ ଖଟୁଆ ଯୋଗ ଦେଇ ନୂଆ ପିଢିର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପୌରପାଳିକା କ୍ରୀଡା ଉତ୍ସବର ନୋଡାଲ ଅଫିସର ଆର୍ଯ୍ୟ ଦେବବ୍ରତ ସାମଲଙ୍କ ତତ୍ତ୍ୱାବଧାନରେ ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ଆସିଥିବା କ୍ରିକେଟ ଟିମ୍‌ମାନଙ୍କ ମଧ୍ୟରେ ଚିତ୍ତାକର୍ଷକ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ା ଉତ୍ସବକୁ ଖେଳ ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ସୌଜନ୍ୟ କୁମାର ପଣ୍ଡା, ଜ୍ଞାନେନ୍ଦ୍ର ବାରିକ, ରମେଶ ଚନ୍ଦ୍ର ସାହୁ, କୁଶଧ୍ୱଜ ସାହୁ, ସତ୍ୟବ୍ରତ ସାହୁ, ଗୌରାଙ୍ଗ ଚରଣ ନାୟକ, ସୌମ୍ୟରଞ୍ଜନ ସାହୁ, ଆରତୀ ସିଂ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁର ପୌରପାଳିକାର କର୍ମଚାରୀ ସୁରେନ୍ଦ୍ର କୁମାର ମିଶ୍ର, ସବ୍ୟସାଚୀ ଜେନା ଓ ସୁଦର୍ଶନ ସେଠୀ ସହଯୋଗ କରିଥିଲେ।

## ଇଣ୍ଟରନ୍ୟାସ୍‌ନାଲ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ହାଟଡିହି, ୨୪।୧୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ପଞ୍ଚାୟତର ବେରୁଣପଦି ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲର ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ଅନୁଷ୍ଠାନର ମୁଖ୍ୟ ଆବାହକ ବାସୁଦବ ଭଟ୍ଟ, ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଯାପନୀ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଯୋଗ ଦେଇଥିବା ବେଳେ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ନୃସିଂହ ଚରଣ ଦେହୁରୀ, ଅନୁଷ୍ଠାନର ମୁଖ୍ୟ ଆବାହକ ବାସୁଦବ ଭଟ୍ଟ ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା ଉଦଯାପନୀ ଉତ୍ସବର ସଂଯୋଜନା କରିଥିଲେ। ଦୁଇ ଦିନ ଧରି ଚାଲିଥିବା ବାର୍ଷୀକ କ୍ରୀଡ଼ା ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଧାଂଶୁ ଶେଖର ଭୂୟାଁ ଓ ରିୟା ଦଳେଇ, ବରିଷ୍ଠ ଶିକ୍ଷକ ଚନ୍ଦନ ପ୍ରମାଣିକ, ସୌମ୍ୟରଞ୍ଜନ ରଥ, ସଞ୍ଜିବ ନାୟର ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ସାଇକଲ ଚାଳକ ମୃତ

**କେନ୍ଦୁଝର,୨୪।୧୨ (ସମିସ):** କେନ୍ଦୁଝର ଟାଉନ ଥାନା ମୋଚି ଗାଁ ନିକଟ ଏନ୍‌ଏଚ୍-୪୯ର ବାଇପାସରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଫଳରେ ସ୍ଥାନୀୟ ଲୋକ ଜାତୀୟ ରାଜପଥକୁ ଅବରୋଧ କରିବା ସହ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଜଣେ ସାଇକଲ ଆରୋହି ରୈସୁଆଁ ପଟୁ ଏନଏଚ ୪୯ ଗଉଡୁଣୀବେଡା ବାଇପାସ ଦେଇ ଯାଉଥିବାବେଳେ ଏକ ଅଜଣା ଟ୍ରକ୍ ମାଡି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ବିଜେଡି ଘସିପୁରା ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର



**ଆନନ୍ଦପୁର,୨୪।୧୨(ସମିସ)**

ବିଜୁ ଜନତା ଦଳର ଘସିପୁରା ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିର ଆନନ୍ଦପୁର ଷ୍ଟାଡିୟମ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘସିପୁରା ବ୍ଲକର ୨୫ଟି ପଞ୍ଚାୟତରୁ ସରପଞ୍ଚ ସମିତିସଭ୍ୟ, ୱାର୍ଡସଦସ୍ୟ, ଜିଲ୍ଲାପରିଷଦ ସଦସ୍ୟ, ବୁଥ୍ ପରିଚାଳନା କମିଟି କର୍ମୀ ୧୪୯୧ ଜଣ ଯୋଗ ଦେଇଥିଲେ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନକୁ ଦଳର ପ୍ରବକ୍ତା ତଥା ରାଜ୍ୟ ପ୍ରଶିକ୍ଷକ ଓମପ୍ରକାଶ ସାହୁ ଓ ଅଶୋକ ନାୟକ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନାକୁ ପ୍ରତ୍ୟେକ ପରିବାରରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ସମ୍ପାଦକ ଦେବାଶିଷ ପାତ୍ରଙ୍କ ସଞ୍ଚାଳନାରେ ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ଭାଗୀରଥି ସେଠୀ, ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର ଶିବିରରେ ଯୋଗ ଦେଇ କର୍ମୀମାନେ ନିଜ ସାହି, ବସ୍ତି, ୱାର୍ଡରେ ଲୋକଙ୍କ ସୁଖଦୁଃଖ ସହିତ ସିଧାସଳଖ ଜଡ଼ିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ରାଜ୍ୟ ବିଜୁ ଛାତ୍ର ଜନତା ସାଧାରଣ ସମ୍ପାଦକ ଅମରେନ୍ଦ୍ର ଧଳ, ଜୀବନବିନ୍ଦୁ ଜିଲ୍ଲା ସଂଯୋଜକ ପ୍ରଦୀପ ସାହୁ, ବିଜୁ ଯୁବ ଜନତା ବ୍ଲକ ସଭାପତି ଇଂ.ଦେବଦତ୍ତ ନାୟକ, ବିଜୁ ଛାତ୍ର ଜନତା ଦଳ ସଭାପତି ଶୁଭ୍ରଜିତ ରାମ, ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା, ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ପୂର୍ବତନ ସରପଞ୍ଚ ପ୍ରସନ ପାତ୍ର, ପରେଶ କୁଅଁର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବଳରାମ ବେହେରା, ତୁସିଲ ମୁର୍ମୁ, ବୁଲୁ ପଟ୍ଟନାୟକ, ରାଧାଶ୍ୟାମ ରଣା, ରାଜା ଦଳେଇ, ସପନ ବେହେରା, ରିବୁଲୁ ରାଜ, ଦେବାଶିଷ ରାମ, ସଞ୍ଜୟ କୁମାର ଦଳେଇ ପ୍ରମୁଖ ପରିଚାଳନା କରିଥିଲେ।

## ଟୋଲଙ୍କପଡ଼ାରେ ସୋହମ ସ୍ୱାମୀଙ୍କ ବାର୍ଷିକ ଉତ୍ସବ



**ବେଲବାହାଲି,୨୪।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡାରେ ସୋହମ୍ ସ୍ୱାମୀଙ୍କ ତେତିଶିତମ ବାର୍ଷିକ ମହୋତ୍ସବ ପାଳନ ହୋଇଯାଇଛି। ଶ୍ରୀଶ୍ରୀ ପରମଗୁରୁ ପରାମାରା ସୋହମ୍‌ଚର୍ଯ୍ୟଙ୍କ ଏହି କାର୍ଯ୍ୟକ୍ରମକୁ ଶ୍ରୀମାନ ପ୍ରେମାନନ୍ଦ ସ୍ୱାମୀ ପରିଚାଳନା କରିଥିଲେ। ଶ୍ରୀମାନ ଅଖଣ୍ଡାନନ୍ଦ ସ୍ୱାମୀ, ସୁଦ୍ଧାନନ୍ଦ ସ୍ୱାମୀ, ଜଗଦ୍ଧାନନ୍ଦ ସ୍ୱାମୀ, କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସୋହମସ୍ୱାମୀ ସଙ୍ଗୀତ ଏକାଡେମୀର ପ୍ରତିଷ୍ଠାତା ମଳୟ କୁମାର ସାହୁ, ସମ୍ପାଦକ ସିନ୍ଧୁବାସ ଓଝାଙ୍କ ପକ୍ଷରୁ ଏକ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ହୋଇଥିଲା। ଏହି ଭଜନ ସମାରୋହରେ ବିଶିଷ୍ଟ କଣ୍ଠଶିଳ୍ପୀ ଚିତ୍ତରଞ୍ଜନ ସାମନ୍ତରାୟ, ସନ୍ତୋଷ କୁମାର ପରିଡ଼ା, ମଙ୍ଗରାଜ ରାଉତ ଯୋଗ ଦେଇଥିଲେ। ଏଥିରେ କୀର୍ତ୍ତନ ମଣ୍ଡଳୀ ଟୋଲଙ୍କପଡା, ବେଲବାହାଲି, ମଙ୍ଗଳପୁର, ଭଗାନଇ, ସଟତିରା, ଭଅଁରପୁର, ହଳଧରପୁର, ଚିତ୍ରି-ଗୋବର୍ଦ୍ଧନପୁର, ସରେଇଁ, ଧକୋଠା ପ୍ରମୁଖ ଯୋଗ ଦେଇ ନାମ ସଂକୀର୍ତ୍ତନ୍ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜଗବନ୍ଧୁ ସାହୁ, ସୁଭାଷ ଖୁଣ୍ଟିଆ, ଦାଶରଥି ଓଝା, ମଧୁସୂଦନ ବେହେରା, ମଙ୍ଗୁଳି ଚରଣ ନାହକ, ସୁଦାମ ଖୁଣ୍ଟିଆ, ବୈରାଗୀ ତ୍ରିପାଠୀ, ସନାତନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



**ବାଲିବନ୍ଧ, ୨୪।୧୨ (ସମିସ)**

ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଝୁମ୍ପୁରା ପରିସରରେ 'ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ କୁଞ୍ଜବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟ କେନ୍ଦୁଝରର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ.ଶିଶିର କୁମାର ବେହେରା ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ସାମ୍ବାଦିକ ଜ୍ଞାନରଞ୍ଜନ ମିଶ୍ର ଯୋଗଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଯୁକ୍ତ ତିନି ବିଭାଗର ନୋଡାଲ ଅଫିସର ଅଶ୍ୱିନୀ କୁମାର ପ୍ରଧାନ, ଯୁକ୍ତ ଦୁଇ ବିଭାଗର ନୋଡାଲ ଅଫିସର ପ୍ରଦ୍ୟୁମ୍ନ କିଶୋର ବେଉରା, ଉପଦେଷ୍ଟା ପ୍ରଧାପକ ଦେବବ୍ରତ ମିଶ୍ର, ଅଧ୍ୟାପକ ଶଶାଙ୍କ ଶେଖର ନାୟକ, ଅଧ୍ୟାପକ ନାରାୟଣ ଚନ୍ଦ୍ର ସାହୁ, ଅଧ୍ୟାପକ ବିନାୟକ ମହାନ୍ତ, ଅଧ୍ୟାପକ ତ୍ରିଲୋଚନ ମହାନ୍ତ, ଅଧ୍ୟାପକ ବିଷ୍ଣୁଚରଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ.ମନୋରଞ୍ଜନ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ତରଫରୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ଘୋଷଦା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ସନ୍‌ରାଇଜ୍ କ୍ଲବ୍ ତୁରୁମୁଙ୍ଗା ଚାମ୍ପିଅନ୍




**ତୁରୁମୁଙ୍ଗା/କରଞ୍ଜିଆ,୨୪।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଘୋଷଦାଠାରେ ୧୫ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଲିଟିଲ ଷ୍ଟାର ଝାରସୁଗୁଡା ଏକାଦଶ ସହିତ ସନ୍‌ରାଇଜ୍ କ୍ଲବ ତୁରୁମୁଙ୍ଗା ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ତୁରୁମୁଙ୍ଗା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୪୯ ରନ ସଂଗ୍ରହ କରିଥିଲା। ଝାରସୁଗୁଡା ୧୦ ଓଭରରେ ୮୭ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇ ପରାଜୟ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ସମ୍ମାନିତ ଅତିଥି ଭାବରେ ସିନେ ଅଭିନେତ୍ରୀ ପୁନମ ମିଶ୍ର, ଇଂ. ଡାଟା ହିସା, ମହେଶ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ବିଜୟୀ ସନରାଇଜ୍ କ୍ଲବ ତୁରୁମୁଙ୍ଗାକୁ ଏକ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ଖେଳକୁ ଅମ୍ପେୟାର ଭାବରେ ଛାୟାକାନ୍ତ ଦ୍ୱିବେଦୀ, ସୌମ୍ୟରଞ୍ଜନ ରଣା ଓ ସୁଶାନ୍ତ କୁମାର ପଣ୍ଡା ପିଚ କ୍ରିଏଟର ଭାବେ ବିଜୟ ବାରିକ୍ ପ୍ରମୁଖ ପରିଚାଳନା କରିଥିଲେ। ଘୋଷଦା କ୍ରିକେଟ ଆସୋସିଏନର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




